


## ସଂକ୍ଷେପରେ

### ଜିଲା ପରିଷଦ ଜୋନ୍ କଂଗ୍ରେସ ସଭାପତିଙ୍କୁ ଦାୟିତ୍ୱ ବଣ୍ଟନ

**କନିଷି,୨୬।୯(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ କଂଗ୍ରେସର ଏକ ଜୋନ୍‌ସ୍ତରୀୟ କମିଟି ସଭା ଅଖିଳେଶ୍ୱର ମହାଦେବ ମନ୍ଦିର କନିଷି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକର ୫୩, ୫୪ ଓ ୫୫ନଂ. ଜୋନ୍‌ର ସଭାପତି ଯଥାକ୍ରମେ ଧୀରେନ୍ଦ୍ର ପାତ୍ର, ଉମାକାନ୍ତ ସାସମଲ ଏବଂ କେ. ମୋହନ ରେଡ୍ଡୀଙ୍କୁ ଏସ. ଧର୍ମରାଜ ରେଡ୍ଡୀଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିବ ସାମନ୍ତ, ଗଣେଶ୍ୱର ସାହୁ, ପ୍ରଶାନ୍ତ ସାହୁ, କେ. ବାମନ ଆଚାରୀ, କେ. କ୍ରିଷ୍ଣାରାଓ, ସୁଦର୍ଶନ ମଲଣା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଘୋଷଣା

**ପୋଲସରା,୨୬।୯(ଡି.ଏନ.ଏ.):** ପୋଲସରା ଏନ୍‌ଏସି ପକ୍ଷରୁ ବସଷ୍ଟାଣ୍ଡ ପରିସରରେ ମଙ୍ଗଳବାର ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଘୋଷଣା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆସିକା ସାଂସଦ ଲଡୁ କିଶୋର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ନଗରପାଳ ପ୍ରଫୁଲ କୁମାର ପ୍ରଧାନ, ଉପାଧକ୍ଷା ବିଷ୍ଣୁପ୍ରିୟା ସାହୁ, ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡ଼ତ୍ୟା, ତହସିଲଦାର ଅଶୋକ କୁମାର ପ୍ରଧାନ, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପୋଲସରା ସହରରେ ମୋଟ ୧୬୫୦ଟି ଶୌଚାଳୟ ଦିଆଯୋଇଛି। ଆଗକୁ ଆହୁରି ହେବାର ବ୍ୟବସ୍ଥା ଅଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଥିଲେ। କାର୍ଯ୍ୟକ୍ରମ ପରେ ସିନେତାରକା ଚାନ୍ଦନୀ, ମନସ୍ୱିନୀ, ଲିଜା, ଦୀପକ ପ୍ରମୁଖଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ୩ ଜିଲାପରିଷଦ ଜୋନ୍‌ର କଂଗ୍ରେସ ସଭାପତି ଚୟନ

**ଶେରଗଡ଼,୨୩।୯(ଡି.ଏନ୍.ଏ.):** ଶେରଗଡ଼ ବ୍ଲକରେ ୩ଟି ଜିଲା ପରିଷଦ ଜୋନ୍ ରହିଛି। ଏହି ୩ଟି ଜୋନ୍‌ର ଜିଲା ପରିଷଦ କଂଗ୍ରେସ ଜିଲା ପରିଷଦ ଜୋନ୍ ଚୟନ ହୋଇଛି। ଏନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ପତ୍ର ପହଞ୍ଚିବା ପରେ ୫୬ ନଂ. ଜୋନ୍‌ର ସଭାପତି ରାମକୃଷ୍ଣ ପଣ୍ଡା ଏହି ସୂଚନା ଦେଇଛନ୍ତି। ବ୍ଲକର ୫୬ ନଂ. ଜୋନ୍‌ରୁ ବରମୁଣ୍ଡଳୀର ରାମକୃଷ୍ଣ ପଣ୍ଡା ସଭାପତି ହୋଇଥିବାବେଳେ ୫୭ ନଂ. ଜିଲା ପରିଷଦ ଜୋନ୍ ପାଇଁ ପ୍ରବିଣ କୁମାର ପାଣିଗ୍ରାହୀ ଓ ୫୮ ନଂ. ଜିଲା ପରିଷଦ ଜୋନ୍ ପାଇଁ ପର୍ଶୁରାମ ସାହୁଙ୍କୁ କଂଗ୍ରେସର ସଭାପତି ଭାବେ ଚୟନ କରାଯାଇଛି।

# ରାତିଅଧିଆ ହଷ୍ଟେଲ ଛାଡ଼ିଲେ ୬୦ ଛାତ୍ରୀ

## ■ ଜିଲାପାଳଙ୍କୁ ଭେଟିବା ପାଇଁ ଚାଲିଲେ ୨୫ କି.ମି.

ମୋହନା/ଚନ୍ଦ୍ରଗିରି(ଡି.ଏନ୍.ଏ.)
ପାରଳାଖେମୁଣ୍ଡି,୨୬।୯(ସ୍ୱ.ପ୍ର.)

### ଜିରାଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟ



ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି।

- ସମସ୍ୟାରେ ଅତିଷ୍ଠ ହୋଇ ଛାଡ଼ିଥିଲେ ହଷ୍ଟେଲ
- ଅଧା ବାଟରୁ ଫେରାଇନେଲା ପ୍ରଶାସନ
- ସମସ୍ୟା ଦୂର ପାଇଁ ମିଳିଲା ପ୍ରତିଶ୍ରୁତି

ଗଜପତି ଜିଲାର ବିଭିନ୍ନ ସେବାଶ୍ରମ ଏବଂ ସରକାରୀ ବିଦ୍ୟାଳୟ ସମେତ ହଷ୍ଟେଲରେ ନାନା ଅବ୍ୟବସ୍ଥା ଯୋଗୁ ଅନେକ ସମୟରେ ଛାତ୍ରୀଛାତ୍ର ସ୍କୁଲ ଓ ହଷ୍ଟେଲ ଛାଡୁଛନ୍ତି। ପୂର୍ବରୁ ମୋହନା ବ୍ଲକର ଅନ୍ତରବା ଓ ଲୁହାଗୁଡି ସ୍କୁଲର ଛାତ୍ରୀ ହଷ୍ଟେଲ୍ ଛାଡ଼ି ଚାଲିଚାଲି ପ୍ରଶାସନକୁ ସମସ୍ୟା ଜଣାଇବା ପାଇଁ ଆସିବାର ନଜିର ରହିଛି। ଏବେ ପୁଣି ଏହି ବ୍ଲକରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ଜିରାଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ନାନା ସମସ୍ୟା ନେଇ ୬୦ଜଣ ଛାତ୍ରୀ ମଙ୍ଗଳବାର ବିଳମ୍ବିତ ରାତିରେ ହଷ୍ଟେଲ ଛାଡି ଚାଲିଆସିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଜିଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ ସେମାନେ ଚାଲିଚାଲି ୨୫କିମି ଆସିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଇଶୁଝାଇ ଫେରାଇ ନେଇଛନ୍ତି। ତେବେ ଏହା ଉନ୍ନତ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହଷ୍ଟେଲ ଅନ୍ତେବାସୀଙ୍କ କହିବା ଅନୁଯାୟୀ, ଏହି ବିଦ୍ୟାଳୟରେ ୩୪୩ ଛାତ୍ରୀଛାତ୍ର ପଢୁଥିବାବେଳେ ଷଷ୍ଠରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୧୬୦ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ସେହିପରି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ପାଇଁ ୫ଜଣ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ ମଧ କେତେଜଣ ଡେପୁଟେଶନରେ ଅନ୍ୟ ସ୍କୁଲକୁ ପଢାଇବାକୁ ଯାଉଛନ୍ତି। ଏଥିସହ ବହୁବିଧ ସମସ୍ୟା ଲାଗିରହିଛି। ମାଟ୍ରିକ ପରୀକ୍ଷା ପାଖେଇ ଆସୁଥିବାବେଳେ ଏଠାରେ ଶିକ୍ଷକ ଅଭାବ ଯୋଗୁ ପାଠପଢା ବ୍ୟାହତ ହେଉଛି। ଦଶମ ଶ୍ରେଣୀ ପାଠ୍ୟକ୍ରମ ଏଯାବତ ଆରମ୍ଭ ହୋଇପାରିନାହିଁ। ହଷ୍ଟେଲରେ ବିଦ୍ୟୁତ ଚାଲିଯିବା ପରେ କୌଣସି ବିକଳ୍ପ ସୁବିଧା ନାହିଁ। ତେଣୁ ହଇରାଣ ହେବାକୁ ପଡୁଛି। ପାଚେରି କାମ ସମ୍ପୂର୍ଣ୍ଣ ହୋଇପାରି ନଥିବାରୁ ଅନ୍ତେବାସୀମାନେ ଅସୁରକ୍ଷିତ ମଣୁଛନ୍ତି। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଏସବୁ ଜଣାଇ ନିରାଶ ହେବା ପରେ ଜିଲାପାଳଙ୍କୁ ଭେଟିବା ପାଇଁ ଅନ୍ତେବାସୀମାନେ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ମଙ୍ଗଳବାର ରାତିରେ ସେମାନେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଅଭିମୁଖେ ବାହାରିଥିଲେ। ଆର୍.ଉଦୟଗିରି ବ୍ଲକର ରଣ୍ଡିବା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨୫କି.ମି. ଆସିଥିବାବେଳେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରି ଫେରାଇ ନେଇଥିଲେ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସିଂ କହିଛନ୍ତି, ଶିକ୍ଷକ ଅଭାବ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ଗତ ସୋମବାର ଏହି ଛାତ୍ରୀମାନେ ସମସ୍ୟାର ସମାଧାନ ପାଇଁ ତାଙ୍କୁ ଜଣାଇଥିଲେ ଏବଂ ସେ ଉଚ୍ଚ ପଦାଧିକାରୀଙ୍କୁ ତାହା ଜଣାଇଛନ୍ତି। ଏହାସତ୍ତ୍ୱେ ମଙ୍ଗଳବାର ରାତି ୧.୩୦ ମିନିଟରେ ଛାତ୍ରୀମାନେ ହଷ୍ଟେଲ ଛାଡ଼ିବା ଘଟଣା ଶୁଣିବା ପରେ ସେ ତୁରନ୍ତ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏକମାସ ମଧ୍ୟରେ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ଗୋଷ୍ଠୀ ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଖବର ପାଇବା ପରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ମଧ ସ୍କୁଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ, ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ ଜଣାଇବା ପାଇଁ ସ୍କୁଲ ସମ୍ମୁଖରେ ଗ୍ରାମବାସୀ ରୁଣ୍ଡ ହୋଇଥିଲେ। ଘଟଣା ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରଶାସନକୁ ଦୋଷ ଦେଇଛନ୍ତି। ଯଦି ତୁରନ୍ତ ସମସ୍ୟା ଦୂର ନ ହୁଏ ଏବଂ ଏଭଳି ଘଟଣାର ପୁନରାବୃତ୍ତି ଘଟେ ତାହାହେଲେ ରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଆନ୍ଦୋଳନରୁ ଓହରିଲେ ଆଇନଜୀବୀ

ଆସିକା,୨୬।୯(ଡି.ଏନ୍.ଏ.)

କଟକଠାରେ ଆଇନଜୀବିଙ୍କ ଉପରେ ହୋଇଥିବା ଆକ୍ରମଣର ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ ପରେ ଓକିଲ ମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଏଠାରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ବୁଧବାର ଓକିଲ ସଂଘର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ସୁରେନ୍ଦ୍ରନାଥ ପଣ୍ଡା ସୂଚନା ଦେଇଛନ୍ତି। ତେବେ ଗତ ୨ମାସ ଧରି ଆସିକାରେ ଖାଲିପଡିଥିବା ଅତିରିକ୍ତ ଜଲାଜଜ ପଦବୀ ପୂରଣ ଦାବିରେ ଗୁରୁବାର ଓକିଲମାନେ ପ୍ରତୀକ କାର୍ଯ୍ୟବନ୍ଦ କରିବା ସହ ଶୁକ୍ରବାର ଓ ଶନିବାର ବ୍ରହ୍ମପୁର ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଅକ୍ଟୋବର ପହିଲାରୁ ଓକିଲମାନେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ଯୋଗଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା ବେଳେ ଅତିରିକ୍ତ ଜିଲା ଜଜ ପଦବୀ ତୁରନ୍ତ ପୂରଣ ଲାଗି ଏକ ପ୍ରତିନିଧି ଦଳ ଅକ୍ଟୋବର ପ୍ରଥମ ସପ୍ତାହରେ ଓଡିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତିଙ୍କୁ ଭେଟି ଦାବି ଉପସ୍ଥାପନ କରିବେ ବୋଲି ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

## ପଲିଥିନ, ପ୍ଲାଷ୍ଟିକମୁକ୍ତ ଅଭିଯାନ ସଚେତନତା ରାଲି


ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଗୋପାଳପୁର,୨୬।୯

ଜିଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ, ଗୋପାଳପୁର ଏନ୍‌ଏସି ଓ ହୋଟେଲ ଆସୋସିଏଶନ ପକ୍ଷରୁ ବେଳାଭୂମି ଅଞ୍ଚଳରେ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ଅଭିଯାନ ନେଇ ଏକ ସଚେତନ ରାଲି ସହ ସଫେଇ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳ ପ୍ରାୟ ୭ଟାରେ ଗୋପାଳପୁର ବେଳାଭୂମିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଏ. ମହାଲକ୍ଷ୍ମୀ ଯୋଗ ଦେଇଥିଲେ। ସଚେତନତା ରାଲି ଆୟୋଜନ ସହ ବ୍ୟାନର ଓ ପ୍ରଚାରପତ୍ର ବଣ୍ଟନ କରି ଲୋକଙ୍କୁ ସଚେତନ କରାଇଥିଲେ। ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ବିଜୁ ଯୁବ ବାହିନୀ ସଦସ୍ୟ ମିଶି ବେଳାଭୂମିରେ ପଡ଼ିଥିବା ପଲିଥିନ, ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ସଫା କରିଥିଲେ। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ସରିତା ରାଣୀ ପଟ୍ଟନାୟକ, ମୁନା ସେଠୀ, ପ୍ରିୟ ରଞ୍ଜନ ବେହେରା, ଅନାମିକା ପଟ୍ଟନାୟକ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଶେରଗଡ ବ୍ଲକ ବିଜେଡିର ବୈଠକ

ଶେରଗଡ,୨୬।୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ସଭାଗୃହରେ ବ୍ଲକ ବିଜେଡିର ବୈଠକ ସଭାପିତ ଶରତ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିବାବେଳେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନି ପକ୍ଷରୁ ପୋଷାକ ଓ ଟୋପି ବଣ୍ଟନ , ପ୍ରତି ପଞ୍ଚାୟତରେ ଅକ୍ଟୋବର ୨ରେ ସରପଞ୍ଚମାନେ ଉପସ୍ଥିତ ରହି ଜନସମ୍ପର୍କ ବିଜୁ ଯୁବ ବାହିନୀ ର ପୋଷାକ ବଣ୍ଟନରେ ସାମିଲି ହେବାକୁ କୁହାଯାଇଥିଲା। ଗାନ୍ଧି ଜୟନ୍ତୀ ଠାରୁ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଜିଲା ପରିଷଦର ୩ଟି ଜୋନରେ ସମସ୍ତ କର୍ମୀ ନେତା ପଦଯାତ୍ରାରେ ଯେପରି ସାମିଲ ହେବେ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ , ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବରିଷ୍ଠ ବିଜେଡି ନେତା ହୃଷିକେଶ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମହିଳା ସମାବେଶ, ପଦଯାତ୍ରା ନେଇ ବୈଠକ

ପୋଲସରା,୨୬।୯(ଡି.ଏନ.ଏ.)

ପୋଲସରା ସହରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବୁଧବାର ପୋଲସରା ବିଜେଡି ପକ୍ଷରୁ ମହିଳା ସମାବେଶ ଓ ପଦଯାତ୍ରାକୁ ନେଇ ପ୍ରସ୍ତୁତି ବୈଠକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ରେ ପୋଲସରା ନିର୍ବାଚନ ମଣ୍ଡଳୀର ବୁଗୁଡ଼ା ବ୍ଲକରେ ବିଜେଡି ପକ୍ଷରୁ ମହିଳା ସମାବେଶ ହେବାକୁ ଥିବା ବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପୋଲସରା ଏନ୍‌ଏସିରେ ପଦଯାତ୍ରା ଆରମ୍ଭ ହେବ ବୋଲି ବୈଠକରେ କୁହାଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସମାବେଶ ଓ ପଦଯାତ୍ରାରେ କିଭଳି ଅଧିକରୁ ଅଧିକ ମହିଳା ଅଂଶଗ୍ରହଣ କରିବେ ସେନେଇ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ପୋଲସରା ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ମୋତିରାମ ସାହୁ, ସୁରେନ୍ଦ୍ର ପ୍ରଧାନ, ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଜେଡିର କର୍ମୀ ସାମିଲ ଥିଲେ।

## ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ତହସିଲ କରଚୁଲି ପଞ୍ଚାୟତ ଅନ୍ତର୍ଗତ କିରିଆମ୍ବା, ବଡତଣ୍ଡା, ବେଲଗୁମା ଓ ସମଲେଇ ଆଦି ୪ ଆଦିବାସୀ ଗ୍ରାମର ଭୂମିହୀନ ଲୋକଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଏନେଇ ବୁଧବାର କରଚୁଲି ପଞ୍ଚାୟତ ରାଜୀବ ଗାନ୍ଧୀ ନିର୍ମାଣ ସେବା କେନ୍ଦ୍ରରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଉପରୋକ୍ତ ୪ ଖଣ୍ଡ ଆଦିବାସୀ ଗ୍ରାମର ୨୮ ଜଣ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ସରପଞ୍ଚ ଧୋବା ପ୍ରଧାନ, ସମିତିସଭ୍ୟା ପଦ୍ମଶ୍ରୀ ପାତ୍ର, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


ଜମିପଟ୍ଟା ବଣ୍ଟନ କରୁଛନ୍ତି ବିଧାୟକ।

## ବାପୁଜୀ ଷ୍ଟାଡିୟମରେ ଖେଳାଳିଙ୍କ ବିଶ୍ରାମ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ

ବେଗୁନିଆପଡ଼ା,୨୬।୯(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ନିକଟରେ ଥିବା ବାପୁଜି ଷ୍ଟାଡିୟମରେ ଖେଳାଳିଙ୍କ ବିଶ୍ରାମ କକ୍ଷ ବୁଧବାର ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କବିସୂର୍ଯ୍ୟନଗର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓ ଏହି କକ୍ଷ ନିର୍ମାଣ ପାଇଁ ତାଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ପାୟୋନିୟର କ୍ରିକେଟ କ୍ଲବର ସଭାପତି ଏ. ମୋହନ ରାଓ ଆଚାରୀ, କ୍ୟାପଟେନ ଜିତୁ ପ୍ରଧାନ, ଉପଦେଷ୍ଟା ସନ୍ତୋଷ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ମଳୟ କୁମାର ବେହେରାଙ୍କ ସମେତ ପାୟୋନିୟର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ ସଦସ୍ୟ ବିଧାୟିକାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

ଗଞ୍ଜାମ,୨୬।୯(ଡି.ଏନ.ଏ.)

### କୁର୍ନୁଲ ଖଣି ବିସ୍ଫୋରଣ ଘଟଣା


ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି।

ଆନ୍ଧ୍ରପ୍ରଦେଶ କୁର୍ନୁଲ ଜିଲା ହାଥିବେଲ ଗ୍ରାମରେ ଏକ ପଥର ଖାଦାନରେ ଅଗଷ୍ଟ ୪ରେ ବିସ୍ଫୋରଣ ଘଟିଥିଲା। ଏଥିରେ ରମ୍ଭା ଅଞ୍ଚଳର ୬ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ପରିବାରକୁ ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ୭ ଲକ୍ଷ ଏବଂ ଜଣକୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ତହସିଲ କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। ବିଟି ନୂଆଗାଁର ମୃତ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ପ୍ରେମଲତା ନାହାକ, ମୃତ ମନୋରଞ୍ଜନଙ୍କ ବାପା ଲକ୍ଷ୍ମୀ ଚରଣ ନାହାକ ଏବଂ ମୃତ ଭୀମସେନଙ୍କ ସ୍ତ୍ରୀ ବିଜ୍ଞାନୀ ନାହାକଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ୫ ଲକ୍ଷ ଏବଂ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମୋଟ ୭ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ଡିଆଁଡ଼େଇ ଗ୍ରାମର ମୃତ ରାଜେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅର୍ଥ ୨ ଲକ୍ଷ ଟଙ୍କାର ଚେକ୍‌ପ୍ରଦାନ କରାଯାଇଥିଲା। ଚେକ୍‌ପ୍ରଦାନ ବେଳେ ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ଅବନୀ କୁମାର ସାହୁ, ନାଏବ ସରପଞ୍ଚ ରୋହିତ କୁମାର ନାହାକ, ହେମନ୍ତ ନାହାକ, ରଞ୍ଜନ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍‌ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ୍ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ସଂକ୍ଷେପରେ

### ବ୍ରହ୍ମପୁରର ୩ ଖେଳାଳିଙ୍କ ରାଜସ୍ଥାନ ଗସ୍ତ




ବ୍ରହ୍ମପୁର ଅଫିସ,୨୬।୯:ରାଜସ୍ଥାନରେ ଆସନ୍ତା ୩୦ତାରିଖରୁ ୩୫ତମ ଜାତୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଏହା ଅକ୍ଟୋବର ୭ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୭ ବର୍ଷରୁ କମ୍ ବାସ୍କେଟବଲ ପ୍ରତିଯୋଗିତା ନିମନ୍ତେ ଓଡିଶା ପକ୍ଷରୁ ଚୟନ ହୋଇଥିବା ଦଳରେ ବ୍ରହ୍ମପୁରର ୩ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସ୍ୱସ୍ତିକା ସାହୁ, ସୁହାନୀ ସାହୁ, ଓ ସ୍ୱାଗତ କୁମାର ସାହୁ। ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଏମାନେ ବୁଧବାର ବ୍ରହ୍ମପୁର ରେଲଷ୍ଟେଶନରୁ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ପରିବାର ବର୍ଗଙ୍କ ସମେତ ସହପାଠୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମହିଳା କନଷ୍ଟେବଲଙ୍କୁ ଅସଦାଚରଣ ଅଭିଯୋଗ, ହୋମଗାର୍ଡ ଗିରଫ

ବ୍ରହ୍ମପୁର ଅଫିସ୍,୨୬।୯: ଜଣେ ମହିଳା କନଷ୍ଟେବଲଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ବୁଧବାର ଅଭିଯୁକ୍ତ ହୋମଗାର୍ଡଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମଣ ବେହେରା। ସଦର କୋର୍ଟରେ କାର୍ଯ୍ୟ କରୁଥିବା ବେଳେ ୨୦୧୧ ମସିହାରୁ ଲକ୍ଷ୍ମଣ ଜଣେ ମହିଳା କନଷ୍ଟେବଲଙ୍କ ସହିତ ସମ୍ପର୍କ ରଖିଥିଲେ। ଗତ ମେ ୪ ତାରିଖରେ ମହିଳା କନଷ୍ଟେବଲଙ୍କ ସ୍ୱାମୀ ନ ଥିବା ବେଳେ ଲକ୍ଷ୍ମଣ ତାଙ୍କ ଘରକୁ ଯାଇ ଅସଦାଚରଣ କରିଥିଲେ। ପରେ ମହିଳା କନଷ୍ଟେବଲଙ୍କ ସ୍ୱାମୀ ଏ ନେଇ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ସମସ୍ତ ବିଷୟ ଜଣାଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ମହିଳା କନଷ୍ଟେବଲ ଜଣକ ମଙ୍ଗଳବାର ବଡବଜାର ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୧୫୪/୧୮ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ନିର୍ଯାତିତାଙ୍କ ଥଇଥାନ ବ୍ୟବସ୍ଥା କଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ କମିଟି

ବ୍ରହ୍ମପୁର ଅଫିସ୍,୨୬।୯: ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ପରିବାରରେ ନିର୍ଯାତନା ପାଉଥିବା ୨ ନାବାଳିକା ଓ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବନ୍ଦୋବସ୍ତ କରାଯାଇଛି। ପୁରୁଷୋତ୍ତମପୁର ଥାନା ତରାତାରିଣୀ ଛକଠାରୁ ନିର୍ଯାତିତା ଏହି ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ସମ୍ପର୍କରେ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇବା ପରେ ଜିଲା ଆଇନ ସେବା ପ୍ରାଧିକରଣ କମିଟି ଅଧକ୍ଷ ତଥା ଜିଲା ଜଜ୍ ବିଭୂପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଜିଲାପାଳ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର ହୋଇଥିବା ନାବାଳିକା ଓ ଯୁବତୀଙ୍କ ସହିତ ସେମାନଙ୍କ ଥଇଥାନ ନେଇ ଆଲୋଚନା କରାଯାଇଥିଲା। ସେମାନେ ନିଜ ନିଜ ପରିବାର ସଦସ୍ୟମାନଙ୍କ ଦ୍ୱାରା ନିର୍ଯାତିତ ହୋଉଥିବା ବେଳେ ଘରେ ରହିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ୨ ନାବାଳିକାଙ୍କୁ ଉତ୍କଳ ବାଳାଶ୍ରମ ଏବଂ ଯୁବତୀଙ୍କୁ ସ୍ୱାଧାର ଗୃହକୁ ପଠାଯାଇଛି। ସେଠାରେ ଦୀନଦୟାଲ ଦକ୍ଷତା ଯୋଜନାରେ ଧନ୍ଦାମୂଳକ ଶିକ୍ଷା ତାଲିମ ପ୍ରଦାନ କରାଯିବ ବୋଲି ପ୍ରାଧିକରଣ କମିଟି ସଚିବ ଦାସ ସୂଚନା ଦେଇଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ କମିଟିର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ଜଣାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଆଜି ବିଶ୍ୱ ପର୍ଯ୍ୟଟନ ଦିବସ**

# ଗଞ୍ଜାମ ଜିଲାରେ କମୁଛନ୍ତି ବିଦେଶୀ ପର୍ଯ୍ୟଟକ

ବ୍ରହ୍ମପୁର ଅଫିସ, ୨୬।୯

ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟନସ୍ଥଳ ପାଇଁ ଦକ୍ଷିଣ ଓଡିଶା ଦେଶ ତଥା ଦେଶ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶେଷ କରି ଗଞ୍ଜାମ ଜିଲାର ଐତିହ୍ୟ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଜିଲାକୁ ଆସୁଥିବା ନଜିର ରହିଛି। କିନ୍ତୁ ସର୍ବାଧିକ ପର୍ଯ୍ୟଟନ ସ୍ଥଳ ରହିଥିବା ଏହି ଗଞ୍ଜାମ ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଏବେ ଦିନକୁ ଦିନ କମିବାରେ ଲାଗିଛି। ବିଶେଷ କରି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଉଛି। ଜିଲାର ମାତ୍ର ୪ଟି ପର୍ଯ୍ୟଟନସ୍ଥଳକୁ କିଛି ବିଦେଶୀ ପର୍ଯ୍ୟଟକ ଆସୁଥିବା ଜଣାପଡିଛି। ସେପଟେ ଜିଲାର ପର୍ଯ୍ୟଟନ ସ୍ଥଳଗୁଡିକ ପ୍ରତି ବିଦେଶୀ ତଥା ସ୍ଥାନୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବହୁ ବିକାଶମୂଳକ ଯୋଜନା କରାଯାଉଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଦକ୍ଷିଣ ଓଡିଶାରେ ଗଞ୍ଜାମ ଜିଲାର ସର୍ବାଧିକ ପର୍ଯ୍ୟଟନ ସ୍ଥଳ ରହିଛି। ଜିଲାର ୨୨ଟି ସ୍ଥାନକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ସେଥିମଧ୍ୟରୁ ଗୋପାଳପୁରର ସମୁଦ୍ର ଉପକୂଳ, ରମ୍ଭାର ପ୍ରାକୃତିକ ସୌନ୍ଦର୍ଯ୍ୟ, ତପ୍ତପାଣିର ଉଷ୍ଣପ୍ରସ୍ରବଣ, ବ୍ରହ୍ମପୁରର ପାଟ ଶାଢୀ ଓ ମା' ବୁଢୀ ଠାକୁରାଣୀଙ୍କ ମନ୍ଦିର ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ଏହାବ୍ୟତୀତ ହୁମ୍ମାର କାଣ୍ଟିଆଗଡ, ବୁଗୁଡାର ବୁଦ୍ଧଖୋଲ, ବିରଞ୍ଚି ନାରାୟଣ ମନ୍ଦିର, ତାରାତାରିଣୀ ମନ୍ଦିର, ମହୁରୀକାଳୁଆ, ନାରାୟଣୀ, ନିର୍ମଳଝର, ପାତି ସୁନାପୁର, ପୋତାଗଡ, ଉଜ୍ଜଳେଶ୍ୱର ଆଦି ସ୍ଥାନକୁ ପର୍ଯ୍ୟଟକମାନେ ପସନ୍ଦ କରିଥାନ୍ତି। ତେବେ ଗତ ୫ ବର୍ଷ ହେଲା ଗୋପାଳପୁର, ତପ୍ତପାଣି, ରମ୍ଭା, ବ୍ରହ୍ମପୁରକୁ ସୀମିତ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳୁଛି। ପର୍ଯ୍ୟଟନ ବିଭାଗର ଉଦାସୀନତା ଓ ପର୍ଯଟନ ସ୍ଥଳର ବିକାଶ କ୍ଷେତ୍ରରେ ଅବହେଳା ପାଇଁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରୁ ଗଞ୍ଜାମ ଜିଲା ଧିରେ ଧିରେ ଅଦୃଶ୍ୟ ହେଇଯାଉଥିବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।


ଗୋପାଳପୁର ବେଳାଭୂମି।

ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଯୋଜନା ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆଯାଉଥିବା ଜିଲା ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସନାତନ ନାୟକ ସୂଚନା ଦେଇଛନ୍ତି। ନାୟକଙ୍କ ସୂଚନା ଅନୁଯାୟୀ, ଗତ ଏକ ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଗୋପାଳପୁରରେ ୪୫ ଏକର ଜାଗାରେ ୪୨ କୋଟି ଟଙ୍କା ବିନିମୟରେ ଇକୋ ରିଟ୍ରିଟ ହବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬ ଏକର ଜାଗାରେ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଗୋପାଳପୁର ୫ ଏକର ଜାଗାରେ

**ଆକୃଷ୍ଟ କରିବାକୁ ଚାଲିଛି ଯୋଜନା**

ଏକ ଫୁଡ କ୍ରାଫ୍ଟ ଇନ୍‌ଷ୍ଟିଚ୍ୟୁଟ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ବାଲକୁମାରୀରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୫୦ ଲକ୍ଷ ଟଙ୍କା ବିନିମୟରେ ଜନ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ଏହାବ୍ୟତିତ ଧବଳେଶ୍ୱର, ବୁଦ୍ଧଖୋଲୋ, ବିରଞ୍ଚିନାରାୟଣ ମନ୍ଦିର, ମା ଶଙ୍କୁଳାଇ ପୀଠ, ଅନ୍ତରଡାର ସକଳେଶ୍ୱରରେ ଜନ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ସେହିପରି ଛତ୍ରପୁର ତାମ୍ପରା, ଗଞ୍ଜାମର ପାଲିମନ୍ଦ, ରମ୍ଭା ଆଦି ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ୪୯ ଏକର ଜାଗା ସଂରକ୍ଷିତ ରଖାଯାଇଛି। ପାତ୍ରପୁର ଜିଲୁଣ୍ଡା ମନ୍ଦିରର ବିକାଶ ପାଇଁ ୨.୭୨୫ ଏକର ଜାଗା ସଂରକ୍ଷିତ ରଖାଯାଇଛି। ଏକ କୋଟି ଟଙ୍କା ବିନିମୟରେ ବୁଢ଼ୀ ଠାକୁରାଣୀ ମନ୍ଦିରର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ସେ ସୂଚନା ଦେଇଛନ୍ତି।

# ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ ପ୍ରତିବାଦରେ ବିକ୍ଷୋଭ



ର୍‍ୟାଗିଂ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ଅଫିସ୍,୨୬।୯

ଖଲ୍ଲିକୋଟ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ ଛାତ୍ରଙ୍କୁ କେତେକ ସିନିୟର୍ ଛାତ୍ର ର୍‍ୟାଗିଂ କରିବା ଘଟଣାକୁ ନେଇ ବୁଧବାର ଉତ୍ତେଜନା ଦେଖାଦେଇଥିଲା। ଯୁକ୍ତ ୨ର ଛାତ୍ରମାନେ ଫାଟକ ବନ୍ଦ ରଖିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଅନୁଯାୟୀ, ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ପି. କୁମାର ଏବଂ ପ୍ରଥମ ବର୍ଷର ଛାତ୍ର ଏସ୍.ଆକମଲ୍, ପ୍ରଭାକର ସାହୁ ଏବଂ ଆଦିତ୍ୟ ରାଉତଙ୍କୁ ମଙ୍ଗଳବାର କେତେଜଣ ଛାତ୍ର କ୍ୟାମ୍ପସକୁ ଆସି ଉଠାଇ ନେଇଥିଲେ। ଖଲ୍ଲିକୋଟ କଲେଜ ଖେଳ ପଡ଼ିଆକୁ ନେଇ ସେଠାରେ ମାଡ଼ ମାରିବା ସହ ର୍‍ୟାଗିଂ କରିଥିଲେ। ଆକ୍ରମଣକାରୀଙ୍କ ମଧ୍ୟରେ ଆର୍‌କେ ଛାତ୍ରାବାସର ଅନ୍ତେବାସୀ ଏବଂ ଯୁକ୍ତ ୩ ଶେଷ ବର୍ଷର କେତେକ ଛାତ୍ର ଥିଲେ। ସେମାନେ ମାଡ଼ ମାରିବା ପରେ ୩ଟି ମୋବାଇଲ୍ ଫୋନ ଭାଙ୍ଗି ଦେଇଥିଲେ। ଏପରିକି ଯେଉଁମାନେ ସେମାନଙ୍କୁ ବଞ୍ଚାଇବାକୁ ଆସିଥିଲେ, ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ମଙ୍ଗଳବାର ଏ ନେଇ ଛାତ୍ରଙ୍କ ତରଫରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ କୌଣସି ପଦକ୍ଷେପ ନେଇନାହିଁ। ଏହା ପ୍ରତିବାଦରେ ସକାଳେ ଯୁକ୍ତ ୨ର ବହୁ ଛାତ୍ର ଫାଟକ ବନ୍ଦ କରିଥିଲେ। ଅନେକ ସମୟ ଯାଏଁ ଆନ୍ଦୋଳନ ଚାଲିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଅଭିଯୋଗ ଗୁରୁତ୍ୱର ହୋଇ ନ ଥିବା ଯୋଗୁ ମାମଲା ରୁଜୁ କରାଯାଇନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ କଲେଜ ଅଧକ୍ଷା ଡ. ସ୍ୱର୍ଣ୍ଣପ୍ରଭା ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଛାତ୍ରଙ୍କ ମଧ୍ୟରେ ଝଗଡ଼ା ଖେଳପଡିଆରେ ହୋଇଥିଲା। କିଛି ଛାତ୍ର ଥାନାରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷଙ୍କୁ ଡାକି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବା ସହ ଆଗକୁ ଯେଭଳି କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ ସେଥିପ୍ରତି କଲେଜ କର୍ତ୍ତୃପକ୍ଷ ସଜାଗ ଅଛନ୍ତି।

### ହସ କ୍ଲବ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ବ୍ରହ୍ମପୁର ଅଫିସ୍,୨୬।୯

ଉତ୍କଳ ଆଶ୍ରମଠାରେ ଅର୍ଜୁନ ହସ କ୍ଲବର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ପି. ରାମା ରାଓ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ନୂତନ ସଭାପତି ଇଂ. କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ଦେବା ସହ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନରସିଂହ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଇଂ. ପିଏସନ୍‌ଏନ୍ ରାଓଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅସ୍ଥିଶଲ୍ୟ ବିଶାରଦ ପ୍ରଫେସର କୃଷ୍ଣମୋହନ ପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବି.ବେଣୁଗୋପାଳ ପାତ୍ର, ଉପଦେଷ୍ଟା ବିପ୍ରଚରଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସହସଂପାଦକ ସତ୍ୟବାଦୀ ପାତ୍ର, ପଦ୍ମଚରଣ ସାବତ, ସମୀକ୍ଷକ ନରସିଂହ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ କୁମାର ସ୍ୱାମୀ ପାତ୍ର, ସୁବ୍ରତ କୁମାର ସାହୁ, ରାମାନନ୍ଦ ପଟ୍ଟନାୟକ, ଏମ୍‌ଏସ୍ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସାହୁ, ପର୍ଶୁରାମ ଦଳେଇ, ସୂର୍ଯ୍ୟନାରାୟଣ ଦାସ, ସମରେନ୍ଦ୍ର ସାହୁ, ଅନନ୍ତରାମ ପଣ୍ଡା, ଚନ୍ଦ୍ର ବେହେରା, ବୈଷ୍ଣବ ଚରଣ ରାଉତରାୟ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଶେଷରେ ଉପସଭାପତି ବି.ବେଣୁଗୋପାଳ ପାତ୍ର ଧନ୍ୟବାଦ ଦେଇଥିଲେ।

# ଆସିକା ସୂତାକଳ ପୁନରୁଦ୍ଧାର ଦାବି

ବ୍ରହ୍ମପୁର ଅଫିସ୍,୨୬।୯

ରାଜ୍ୟ ସରକାର ମେକ ଇନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ବାହାର ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାକୁ ଆମନ୍ତ୍ରଣ କରୁଛନ୍ତି। ହେଲେ ନିଜ ରାଜ୍ୟରେ ବନ୍ଦ ପଡିଥିବା କ୍ଷୁଦ୍ର ଶିଳ୍ପର ପୁନରୁଦ୍ଧାର ପାଇଁ ଉଦ୍ୟମ କରୁ ନ ଥିବା ଶିବସେନା ପକ୍ଷରୁ ଅଭିଯୋଗ କରାଯାଇଛି। ବିଗତ ଦିନରେ ଗଞ୍ଜାମ ଜିଲା ପାଇଁ ଗୌରବ ଆଣିଥିବା ଆସିକାସ୍ଥିତ ବାଲାଜୀ ସୂତାକଳ ୨୦୧୩ରେ ହୋଇଥିବା ଫାଇଲିନ ବାତ୍ୟାରେ ଭାଙ୍ଗିଯାଇଛି। ଏହାର ପୁନରୁଦ୍ଧାର ପାଇଁ ବହୁବାର ଆର୍‌ଡିସି, ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବୁଧବାର କମାପଲ୍ଲୀ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ଶିବସେନା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ୧୬୬୭ରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ଏହି ସୂତାକଳ ୪ ବର୍ଷ ହେଲା ବନ୍ଦ ପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୧୨୦୦ ପରିବାର ଏବେ ଜୀବିକା ହରାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସରକାର ଏହାକୁ ଅଣଦେଖା କରୁଛନ୍ତି। ସୂତାକଳର ପୁନରୁଦ୍ଧାର ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଶିବସେନା ପକ୍ଷରୁ ଜିଲାର ବିଭିନ୍ନ ଗ୍ରାମ ଓ ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଗଠନର ଗଞ୍ଜାମ ଜିଲା ପ୍ରମୁଖ ସନାତନ ଚୌଧୁରୀ, ଗଞ୍ଜାମ ଜିଲା ଯୁବସେନା ପ୍ରମୁଖ ପି. ତୁଳସେୟା ରେଡ୍ଡୀ, ବ୍ରହ୍ମପୁର ମହାନଗର ପ୍ରମୁଖ ଅନୀଲ ସାହୁ, ସନ୍ତୋଷ ପାଢୀ, ଛତ୍ରପୁର ବ୍ଲକ ପ୍ରମୁଖ ରାଜେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**ଯୁବତୀଙ୍କୁ ଏସିଡ୍ ମାଡ଼ ମାମଲା**

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍

ବ୍ରହ୍ମପୁର ଅଫିସ୍,୨୬।୯

ବ୍ରହ୍ମପୁର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଜଣେ ଯୁବତୀଙ୍କୁ ଏସିଡ ମାଡ଼ ମାମଲାର ରାୟ ପ୍ରକାଶ ପାଇଛି। ବୁଧବାର ଜିଲା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ପ୍ରଣିତା ସାହା ଅଭିଯୁକ୍ତ ଗୋବର୍ଦ୍ଧନ ମିଶ୍ର ଓରଫ୍ ଗିରିଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଗୋବର୍ଦ୍ଧନ ପୋଲିସ ଦ୍ୱାରା ଗିରଫ ହେବା ପରେ ୨ ବର୍ଷ ବିଚାର ବିଭାଗୀୟ ହାଜତରେ ରହି ଜାମିନରେ ମୁକୁଳିଥିଲେ। ସୋମବାର ମାମଲାର ବୃତ୍ତାନ୍ତ ରାୟ ପ୍ରକାଶ ପାଇବା ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୦ ଫେବୃୟାରୀ ୧୨ ତାରିଖରେ ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅଞ୍ଚଳର ଜଣେ ଯୁବତୀ ନିଜ ଭାଇଙ୍କ ସହିତ ନୀଳକଣ୍ଠେଶ୍ୱର ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ମନ୍ଦିରରୁ ଫେରି ଭାଇଙ୍କ ବାଇକ୍‌ରେ ବସୁଥିବା ବେଳେ ବ୍ରହ୍ମପୁର ଗେଟ୍ ବଜାର ବିଲ ସାହି ବୃନ୍ଦାବତୀ ନଗରର ଗୋବର୍ଦ୍ଧନ ତାଙ୍କୁ ଏସିଡ୍ ମାଡ କରି ପଳାଇଥିଲେ।


ଅଭିଯୁକ୍ତ ଗୋବର୍ଦ୍ଧନ ମିଶ୍ର।

ଯୁବତୀ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଯୁବତୀଙ୍କ ବାପା ଗୋଷାଣୀ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଗୋବର୍ଦ୍ଧନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସିଜେଏମ କୋର୍ଟର ଏସଟି ୫୫/୨୦୧୦ରେ ମାମଲାଟି ପରିଚାଳିତ ହେଉଥିବା ବେଳେ ୧୦ ଜଣଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷୀଙ୍କ ବୟାନକୁ ଆଧାର କରି ବୁଧବାର ବିଚାରପତି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସରିତା ପଟ୍ଟନାୟକ ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କପିଳ ପଟ୍ଟନାୟକ ମାମଲା ଲଢୁଥିଲେ।

**କୃମିନାଶକ ଦିବସରେ ଜିଲାପାଳଙ୍କ ପରାମର୍ଶ**

# 'ଫାଷ୍ଟଫୁଡ ନୁହଁ, ମା' ହାତରନ୍ଧା ଖାଅ'

ବ୍ରହ୍ମପୁର ଅଫିସ୍,୨୬।୯

ବ୍ରହ୍ମପୁରସ୍ଥିତ ଭିଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଜିଲାସ୍ତରୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ପିଲାମାନେ ଫାଷ୍ଟଫୁଡ୍ ବଦଳରେ ମା' ହାତ ରନ୍ଧା ଖାଇବା ଆବଶ୍ୟକ ବୋଲି କହିଥିଲେ। ଆମେ ଖାଉଥିବା ଖାଦ୍ୟରୁ ଶରୀରକୁ ଶକ୍ତି ମିଳିଥାଏ। କିନ୍ତୁ ପେଟରେ କୃମି ହୋଇଗଲେ, ଶରୀରର ବିକାଶ ହୋଇ ନ ଥାଏ। ରକ୍ତହୀନତା ଦେଖାଦିଏ। ତେଣୁ ପ୍ରତ୍ୟେକ ପିଲା କୃମି ନାଶକ ଔଷଧ ଖାଇବା ଆବଶ୍ୟକ। କୃମି ହେବା ପଛରେ ଅନେକ କାରଣ ଦାୟୀ। ଆଖପାଖ ସଫା ନ ରହିଲେ, ପାଇଖାନା ବଦଳରେ ଖୋଲାରେ ଶୌଚ କଲେ କୃମି ହୋଇଥାଏ। ବଜାରରେ ମିଳୁଥିବା ଫାଷ୍ଟଫୁଡ୍ ମଧ୍ୟ କୃମିକୁ ଜନ୍ମ ଦେଇଥାଏ। ଏଣୁ ଫାଷ୍ଟଫୁଡ ଖାଇବା ଅନୁଚିତ। କେବଳ ଘରେ ମା' ରାନ୍ଧୁଥିବା ଖାଦ୍ୟ ହିଁ ସୁରକ୍ଷିତ। ସର୍ବଦା ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଉଚିତ ବୋଲି ଜିଲାପାଳ କୁଲାଙ୍ଗେ କହିଥିଲେ।


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜଣେ ଛାତ୍ରୀଙ୍କୁ କୃମି ନାଶକ ଔଷଧ ଖୁଆଉଛନ୍ତି।

ବିଦ୍ୟାଳୟର କେତେକ ଛାତ୍ରୀଙ୍କୁ ଜିଲାପାଳ କୁଲାଙ୍ଗେ ନିଜେ କୃମି ନାଶକ ଔଷଧ ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଯୋଗଦେଇ କହିଥିଲେ ଯେ, ବିଦ୍ୟାଳୟ ପରିବେଶ ସୁସ୍ଥ ଏବଂ ସୁରକ୍ଷିତ ରଖିବା ପାଇଁ ବିଭାଗ ତରଫରୁ ଅନେକ ପଦକ୍ଷେପ ନିଆଯାଉଛି। ସଦ୍ୟ କାର୍ଯ୍ୟକାରୀ ହୋଇଥିବା 'ତଳେ ବସିବାକୁ ନା' ଏହାର ଏକ ଉଦାହରଣ। ଏଭଳି ସ୍ଥଳେ ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ସଫା ସୁତରା ରହିବା ଉଚିତ ବୋଲି ସେ କହିଥିଲେ। ଜିଲା ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନର୍ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରବନ୍ଧକ ଶକ୍ତି କୁମାର ଦିଗାଲ୍ ଧନ୍ୟବାଦ ଦେଇଥିଲେ। ଡା. ଜଗଦିଶ ପଟ୍ଟନାୟକ, ଡା. ଗୀତାଞ୍ଜଳୀ ଦାସ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ରଙ୍କ ସମେତ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାର ଏକରୁ ୧୯ବର୍ଷ ବୟସ୍କ ମୋଟ ୧୦ଲକ୍ଷ ୪୬ହଜାର୮୧୯ଜଣଙ୍କୁ ଏହି କୃମି ନାଶକ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଥିରେ ୧ରୁ ୨ବର୍ଷ ଭିତରେ ୫୬ହଜାର୨୯୮ଜଣ, ୩ରୁ ୫ବର୍ଷ ଭିତରେ ୨ଲକ୍ଷ୪୩ହଜାର୧୨୦ଜଣ, ୬ରୁ ୧୯ବର୍ଷ ଭିତରେ ୬ଲକ୍ଷ୮୬ହଜାର୩୯ଜଣ ରହିଛନ୍ତି। ୫୧୪୧ ଅଙ୍ଗନୱାଡ଼ି କେନ୍ଦ୍ର, ୩୮୨୫ ସରକାରୀ ବିଦ୍ୟାଳୟ, ୩୭୫ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଏବଂ ୨୩୭ ଘରୋଇ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକରୁ ଦୁଇ ବର୍ଷ ବୟସ୍କ ଶିଶୁଙ୍କୁ ୫ଏମ୍‌ଏଲ୍ ସିରପ୍, ଦୁଇରୁ ପାଞ୍ଚ ବର୍ଷ ବୟ ଶିଶୁଙ୍କୁ ୧୦ଏମ୍‌ଏଲ୍ ସିରପ୍ ଏବଂ ୬ରୁ ୧୯ବର୍ଷ ବୟସ୍କଙ୍କୁ ବଟିକା ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### କଳାବ୍ୟାଜ୍ ପିନ୍ଧିଲେ ସାଉଥ୍‌କୋ ଯନ୍ତ୍ରୀ



ବ୍ରହ୍ମପୁର ଅଫିସ୍,୨୬।୯
ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ଡାକରାରେ ସାଉଥ୍‌କୋ ଅଧିନସ୍ଥ ଯନ୍ତ୍ରୀମାନେ ବୁଧବାର କଳାବ୍ୟାଜ୍ ପିନ୍ଧି ଡ୍ୟୁଟି କରିଥିଲେ । ସଂଘର ବରିଷ୍ଠ ଉପସଭାପତି ଇଂ. ସରୋଜ କୁମାର ମିଶ୍ର ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା ।
ସାଉଥ୍‌କୋ ଅଧିନସ୍ଥ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଜିଲାର ସମସ୍ତ କାର୍ଯ୍ୟରତ ଯନ୍ତ୍ରୀ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । କୁଶଳୀ ଶ୍ରମିକ ଅଭାବ, ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ ସରଞ୍ଜାମ ଅଭାବ ସହିତ ଡିପ୍ଲୋମା ଇଞ୍ଜିନିୟରିଂ ପଦୋନ୍ନତିକୁ ଅଣଦେଖା ଆଦି ପ୍ରସଙ୍ଗକୁ ନେଇ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା । ୧୮ ତାରିଖରେ ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ସେଥିରେ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି।

### ଶିଶୁଙ୍କୁ ଦିଆଗଲା କୃମିନାଶକ ଔଷଧ

**ପାରଳାଖେମୁଣ୍ଡି, ୨୬।୯(ସ୍ୱ.ପ୍ର.):** ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୃମିନାଶକ ବଟିକା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପି.କେ.ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ କହିଥିଲେ ଯେ, ଶିଶୁଙ୍କ ଶରୀରକୁ କୃମି କ୍ଷତିଗ୍ରସ୍ତ କରିଥାଏ। ଫଳରେ ସେମାନଙ୍କ ଶରୀର ଦୁର୍ବଳ ହୋଇପଡେ। କୃମି ବିନାଶ ପାଇଁ ଜିଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ୫ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ବଟିକା ବିତରଣ କରାଯିବ। କିଛି ଶିଶୁଙ୍କୁ କୃମିନାଶକ ବଟିକା ବିତରଣ କରି ଜିଲାପାଳ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ କହିଥିଲେ ଯେ, ଏଥିରୁ ଯେଉଁ ଶିଶୁମାନେ ବଞ୍ଚିତ ହେବେ ସେମାନଙ୍କ ପାଇଁ ପୁଣି ଅକ୍ଟୋବର ୩ରେ ପୁଣି ବଟିକା ବଣ୍ଟାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଭି.ଏଲ୍.ଏନ୍.ରାଜୁ, ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଛନ୍ଦା କାନୁନ୍‌ଗୋ, ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ, ଜିଲା ସମାଜ କଲ୍ୟାଣ ଅଧିକାରୀ ମଇନା ହେମ୍ବ୍ରମ୍, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ, ଶିଶୁ ଓ ପ୍ରଜନନ ବିଭାଗର ସୁଶାନ୍ତ ନାୟକ, ପ୍ରଧାନଶିକ୍ଷକ ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସାଉଥ୍‌କୋର ଚୁକ୍ତିନାମା ଉଲ୍ଲଂଘନ

# ପ୍ରତିବାଦରେ ବିଜୁଳି କର୍ମଚାରୀ ସଂଘର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୬।୯**



ଆନ୍ଦୋଳନସ୍ଥଳରେ ବିଜୁଳି କର୍ମଚାରୀ ସଂଘ ନେତା ଓ ସଭ୍ୟମାନେ ।

ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବଣ୍ଟନ ସଂସ୍ଥା ସାଉଥକୋର ବ୍ରହ୍ମପୁର ମୁଖ୍ୟାଳୟ ଆଗରେ ବୁଧବାର ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କର୍ମଚାରୀ ସଂଘ ସହ ହୋଇଥିବା ଚୁକ୍ତିନାମାକୁ ସାଉଥକୋ କର୍ତ୍ତୃପକ୍ଷ ଉଲଂଘନ କରିଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ସିପିଏମ ରାଜ୍ୟ ସମ୍ପାଦକ ତଥା ସଂଘ ସଭାପତି ଅଳି କିଶୋର ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଶତାଧିକ ବିଜୁଳି କର୍ମଚାରୀ, ଶ୍ରମିକ ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ । ସଂଘ ପକ୍ଷରୁ କୁହାଯାଇଛି ପ୍ରତି ମାସର ପ୍ରଥମ ସପ୍ତାହ ସୁଦ୍ଧା ଠିକା ଶ୍ରମିକ, କର୍ମଚାରୀଙ୍କ ଦରମା ପ୍ରଦାନ, ବକେୟା ପ୍ରାପ୍ୟ ପୈଠ ଓ ଅନ୍ୟ ଦାବି ପୂରଣ କରିବାରେ ସାଉଥକୋ ଜାଣିଶୁଣି ଅବହେଳା କରୁଛି । ତେଣୁ ଶ୍ରମିକ ଓ କର୍ମଚାରୀ ଅଶାନ୍ତି ବଢ଼ିବାରେ ଲାଗିଛି ।

ଚୁକ୍ତି ମୁତାବକ ଠିକା ଶ୍ରମିକ ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ । ବିଦ୍ୟୁତ ସଂସ୍ଥାରେ ଫ୍ରାଞ୍ଚାଇଜ ବ୍ୟବସ୍ଥା ବାତିଲ, ଉପଭୋକ୍ତାଙ୍କୁ ନିୟମିତ ଓ ଠିକଣା ଭାବରେ ବିଦ୍ୟୁତ ସେବା ଯୋଗାଇବା ପାଇଁ ସଂଘ ବହୁବାର ଦାବି କରିଛି । ତେବେ ସାଉଥକୋ ଏହି ଦାବି ପ୍ରତି ଅଣଦେଖା କରୁଥିବା ଆନ୍ଦୋଳନସ୍ଥଳରେ ଅଭିଯୋଗ କରାଯାଇଥିଲା । ଅପରପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି, ବିଦ୍ୟୁତ ସଂସ୍ଥାରେ ଭିତ୍ତିଭୂମିର ବିକାଶ, ଲାଇନମ୍ୟାନ ଓ ହେଲପର ସଂଖ୍ୟା ବୃଦ୍ଧି ପାଇଁ ସଂଘ ଦାବି କରିଛି । ମାନବ ସମ୍ବଳ ବିକାଶ ବିଭାଗର ମନମୁଖୀ ଶାସନକୁ ପ୍ରତିବାଦ ସମାବେଶରେ ନିନ୍ଦା କରାଯାଇଥିଲା ।

ସଂଘ ସଭାପତି କହିଥିଲେ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ଭାବେ ନିଯୁକ୍ତି ଦିଆଯାଉଛି । ତେବେ ବିଦ୍ୟୁତ ଶିଳ୍ପରେ ଏହାର ବ୍ୟତିକ୍ରମ ହେଉଛି । କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀ ବିଦ୍ୟୁତ ଆଘାତରେ ଆହତ ବା ମୃତ୍ୟୁ ହେଲେ ସେମାନଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ଓ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି । ୧୯୯୯ ବେଳକୁ ଗ୍ରାହକ ସଂଖ୍ୟା ଯେତେ ଥିଲା ଏବେ ତାହା ୫ ଗୁଣ ବୃଦ୍ଧି ପାଇଛି । ତେବେ ସେହି ଅନୁପାତରେ କର୍ମଚାରୀ ସଂଖ୍ୟା ବଢ଼ିବା ବଦଳରେ କମିବାରେ ଲାଗିଥିବା ସଂଘ ଅଭିଯୋଗ କରିଛି । ଦରମାରେ ଥିବା ଅସଂଗତି ଦୂର ଉପରେ ସଂଘ ଗୁରୁତ୍ୱ ଦେଇଛି । ଶ୍ରମିକଙ୍କ ମଜୁରୀ ନିର୍ଦ୍ଧାରଣ ଏବଂ ପୁରୁଣା ପେନସନ ନୀତି ପୁନଃ ପ୍ରଚଳନ ପାଇଁ ସଂଘ ଦାବି କରିଛି । ଆନ୍ଦୋଳନକୁ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ସାଧାରଣ ସମ୍ପାଦକ କାଳୁ ଚରଣ ସାହୁ, ଉପସଭାପତି ଜବାହାରଲାଲ ବିଶୋୟୀ, କେ. ମୋହନ ରେଡ୍ଡି, ନିରଞ୍ଜନ ପାତ୍ର, ନକୁଳ ସାସମଲ, ଗୌର ସାହୁ, ରାକେଶ ସ୍ୱାଇଁ ପ୍ରମୁଖ ସଂଯୋଜନା କରିଥିଲେ । ସିଟୁ ନେତା ଯୁଧିଷ୍ଠିର ବେହେରା ଓ ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

# ଖାତା ମୂଲ୍ୟାୟନରେ ତ୍ରୁଟି ନେଇ ଅସନ୍ତୋଷ


ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବ୍ରହ୍ମପୁର ଅଫିସ୍,୨୬।୯**

ଖାତା ମୂଲ୍ୟାୟନକୁ ନେଇ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବୁଧବାର ପୁଣି ଥରେ ଅଶାନ୍ତି ଦେଖାଦେଇଛି । ଅସନ୍ତୁଷ୍ଟ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୧୯ ତାରିଖରେ ଯୁକ୍ତ ୩ ତୃତୀୟ ସେମିଷ୍ଟର୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ପ୍ରାୟ ୯୦ପ୍ରତିଶତ ଛାତ୍ରୀଛାତ୍ରଙ୍କ ପେପର୍ ବ୍ୟାକ୍ ଲାଗିଛି । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ପେପର୍ ବ୍ୟାକ୍ ଲାଗିଥିବା ଯୋଗୁ ଉତ୍ତର ଖାତା ମୂଲ୍ୟାୟନରେ ତ୍ରୁଟି ଥିବା ସେମାନେ ସନ୍ଦେହ ପ୍ରକାଶ କରୁଛନ୍ତି । ୨୨ତାରିଖରେ ଏ ନେଇ ସେମାନେ ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟର କୁଳପତି ଏବଂ କୁଳସଚିବଙ୍କୁ ସାକ୍ଷାତ କରିଥିଲେ । ୨ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଅନ୍ୟପଟେ ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତକୁ ନେଇ ନାନା ଆଶଙ୍କାରେ ଦିନ କାଟୁଛନ୍ତି । ଏହା ପ୍ରତିବାଦରେ ବୁଧବାର ଦେବାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତୁରନ୍ତ ଏ ସଂପର୍କରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ମତ୍ସ୍ୟଚାଷ ସଂକ୍ରାନ୍ତ ସମନ୍ୱିତ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୬।୯(ସ୍ୱ.ପ୍ର.)**

ଗଜପତି ଜିଲା ଚନ୍ଦ୍ରଗିରିଠାରେ ସୌରା ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ମତ୍ସ୍ୟଚାଷ ସଂକ୍ରାନ୍ତ ସମନ୍ୱିତ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା), ଆର୍.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଜିଲାର ବିଭିନ୍ନ କୃଷି ଭିତ୍ତିକ ବିଭାଗ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇଥିଲେ। କୋଲକତାର କୃଷି ବୈଷୟିକ ଜ୍ଞାନ ପ୍ରୟୋଗ ବିଜ୍ଞାନ ଓ ଅନୁସନ୍ଧାନ ସଂସ୍ଥାର ପ୍ରଧାନ ବୈଜ୍ଞାନିକ କଲ୍ୟାଣ ସୁନ୍ଦର ଦାସ, କୃଷି ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର, କେବିକେର ବରିଷ୍ଠ ବୈଜ୍ଞାନିକ ସଂଗ୍ରାମ ପରମଗୁରୁ, ସିଫାର ମୁଖ୍ୟ ସୁଧାଂଶୁ ଶେଖର ମିଶ୍ର, ପ୍ରମୁଖ ବୈଜ୍ଞାନିକ ପି.ରାଉତରାୟ, ସୌରା ଉନ୍ନୟନ ସଂସ୍ଥାର ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମନ୍ୱିତ ପ୍ରଣାଳୀରେ ମତ୍ସ୍ୟଚାଷ କରିବା ଦ୍ୱାରା କୃଷକମାନେ କିପରି ଉପକୃତ ହେବା ସହ ଅଧିକ ଲାଭବାନ ହୋଇଥାନ୍ତି ସେନେଇ ଆଲୋଚନା ହୋଇଥିଲା।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ କାଳିପ୍ରସାଦ


@ କୁମାର


@ ମୁନୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସାଉଥ୍‌କୋ ୟୁଟିଲିଟିର ପ୍ରଥମ ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ୍,୨୬।୯**

ସାଉଥ୍‌କୋ ୟୁଟିଲିଟିର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶକ୍ତି ବିଭାଗର ସଚିବ ତଥା କମିଶନର୍, ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ସିଏମ୍‌ଡି ତଥା ସାଉ୍‌କୋ ୟୁଟିଲିଟିର ପ୍ରଶାସକ ହେମନ୍ତ କୁମାର ଶର୍ମା ଯୋଗଦେଇଥିଲେ। ସେ କହିଥିଲେ, ସାଉଥ୍‌କୋ ବର୍ତ୍ତମାନ ଦକ୍ଷିଣ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳରେ ପହଞ୍ଚି ପାରିଛି । ମାଲକାନଗିରିର ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ସାଉ୍‌ଥକୋ ସେବା ଯୋଗାଉଛି। ସାଉଥ୍‌କୋ ଅଧୀନରେ ବର୍ତ୍ତମାନ ୧୮ଲକ୍ଷ ଉପଭୋକ୍ତା ରହିଛନ୍ତି । କିନ୍ତୁ ଉତ୍ସାହର ବିଷୟ ହେଉଛି ଗତ ୩ ମାସ ମଧ୍ୟରେ ୩ ଲକ୍ଷ ନୂତନ ସଂଯୋଗ ଦିଆଯାଇଛି। ସକରାତ୍ମକ ପରିବର୍ତ୍ତନ ପାଇଁ ସାଉ୍‌ଥକୋ ସର୍ବଦା ତତ୍ପର ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ବିଭୁ ପ୍ରସାଦ ମହାପାତ୍ର ଏବଂ ସାଉଥ୍‌କୋ ୟୁଟିଲିଟିର ଅଧିକୃତ ଅଧିକାରୀ ରାଧା ରମଣ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସାଉଥ୍‌କୋ ୟୁଟିଲିଟିର ଜେନେରାଲ୍ ମ୍ୟାନେଜର (ଅର୍ଥ) ବିରେନ୍ଦ୍ର ନାରାୟଣ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପି.ଅରୁଣ କୁମାର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ସାଉଥ୍‌କୋର ବହୁ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ସେମାନଙ୍କ ପରିବାର ବର୍ଗ ଭାଗ ନେଇଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ୨୮ରେ ବ୍ୟବସାୟୀଙ୍କ ଧର୍ମଘଟ

# ବ୍ରହ୍ମପୁରରେ ବନ୍ଦହେବ ୨୦ ହଜାର ଦୋକାନ

**ବ୍ରହ୍ମପୁର ଅଫିସ୍,୨୬।୯**



ଖବରଦାତା ସମ୍ମିଳନୀରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତାମାନେ ।

ଭାରତ ବଜାରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ)କୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଯୋଗୁଁ ଦେଶବ୍ୟାପୀ ଖୁଚୁରା ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହା ପ୍ରତିବାଦରେ କନ୍‌ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ତରଫରୁ ଆସନ୍ତା ୨୮ତାରିଖରେ ସର୍ବଭାରତୀୟସ୍ତରରେ ଧର୍ମଘଟ ଡାକରା ଦିଆଯାଇଛି । ଦେଶର ପ୍ରାୟ ୭ କୋଟିରୁ ଅଧିକ ଛୋଟ ଏବଂ ମଧ୍ୟମ ବ୍ୟବସାୟୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ବନ୍ଦ ଆହ୍ୱାନ ଦିଆଯାଇଛି । ଏହି ବନ୍ଦକୁ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସମର୍ଥନ କରିଛି । ବୁଧବାର କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବନ୍ଦରେ ସାମିଲ୍ ନେଇ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ କେବଳ ବ୍ରହ୍ମପୁର ସହରର ୨୦ହଜାରରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ଚେତାବନୀ ଦିଆଯାଇଛି ।

ମୋଟ ୧୧ଟି ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି । ଫ୍ଲିପ୍‌କାର୍ଟ ଏବଂ ୱାଲ୍‌ମାର୍ଟର ପ୍ରସ୍ତାବିତ ଯୋଜନା ବନ୍ଦ ଏବଂ ଭାରତର ଖୁଚୁରା ବଜାରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଦଶ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ସେହିଭଳି ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି)ର ଶରଳୀକରଣ ସହ ଏହାକୁ ଦୁଇ ଥାକିଆ କରିବା, ଜରିମାନା ଅର୍ଥ ୧୦ହଜାର ଭିତରେ ସୀମିତ ରଖିବା ଏବଂ ଯେଉଁ ବ୍ୟବସାୟିମାନେ ଜିଏସ୍‌ଟିରେ ପଞ୍ଜୀକୃତ ହୋଇଛନ୍ତି, ସେମାନଙ୍କୁ ଦୁର୍ଘଟଣା ଜନିତ ବୀମା ପ୍ରଦାନ କରିବାକୁ ଦାବି କରାଯାଇଛି । 'ଏକ ଦେଶ, ଏକ ଶୁଳ୍କ' କଥା କେନ୍ଦ୍ର ସରକାର କହୁଥିବା ବେଳେ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ମଣ୍ଡିଗୁଡ଼ିକରେ ଅଲଗା ଟିକସ ଦେବାକୁ ପଡୁଛି । ଏହାକୁ ପ୍ରତ୍ୟାହାର କରାଯାଉ । ବ୍ୟବସାୟୀମାନେ ସମସ୍ତ ଟିକସ ପଇଠ କରୁଥିବା ବେଳେ ବୃତ୍ତିକର ଲାଗୁ କରିବା ଅନୁଚିତ । ଆୟକର ଛାଡ଼ ସୀମା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା,

- ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ
- ଜିଏସ୍‌ଟିର ସରଳୀକରଣ ପାଇଁ ଦାବି

ଖାଦ୍ୟ ସୁରକ୍ଷା ଏବଂ ଗୁଣବତ୍ତା ନିୟମର ତର୍ଜମା କରି ଆବଶ୍ୟକୀୟ ପରିବର୍ତ୍ତନ, ଅତ୍ୟାବଶକୀୟ ସାମଗ୍ରୀକୁ କମୋଡ଼ିଟି ଏକ୍ସଚେଞ୍ଜର୍ ପରିସର ଭୁକ୍ତ ନ କରିବା, ବିଭିନ୍ନ ଜାତୀୟ କରଣ ବ୍ୟାଙ୍କମାନଙ୍କ ଦ୍ୱାରା ଆଦାୟ କରାଯାଉଥିବା ଯୁକ୍ତିହୀନ ଦେୟକୁ ପ୍ରତ୍ୟାହାର କରିବା ଦାବିରେ ବ୍ୟବସାୟିକ ବନ୍ଦ ଡାକରା ଦିଆଯାଇଛି। ବନ୍ଦକୁ ସଫଳ କରିବା ପାଇଁ ସେପ୍ଟେମ୍ବର ୨୩ ଏବଂ ୨୫ତାରିଖରେ ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳର ବ୍ୟବସାୟୀ ସଂଗଠନ ଓ ଆଞ୍ଚଳିକ ସଂଗଠନର କର୍ମକର୍ତ୍ତା ଏବଂ ପ୍ରତିନିଧିଙ୍କ ସହ ବୈଠକ ଅନୁଷ୍ଠିତ ହୋଇଛି । ସମସ୍ତେ ଏହାକୁ ସମର୍ଥନ ଜଣାଇଛନ୍ତି । ଶୁକ୍ରବାର ବନ୍ଦ ଅବସରରେ ସକାଳ ୯ଟା ବେଳେ ବାଇକ୍ ଶୋଭାଯାତ୍ରା ଗଂଜାମ ଚାମ୍ବର ଅଫ୍ କମର୍ସର କୋମଳୱାରି କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସଭାପତି ଭିଭଆର୍‌ଏନ୍. ରାଓ, ପୂର୍ବତନ ସଭାପତି ଇ.ରବୀନ୍ଦ୍ରନାଥ, ଉପସଭାପତି ଭି.ସନ୍ତୋଷ କୁମାର ଏବଂ ଇ.ଶିବ ପ୍ରସାଦ ରାଓ, ବନ୍ଦର ସଂଯୋଜକ ଟି.ରାହୁଲ ଏବଂ ମନୋଜ ପାଢ଼ି, ଖବରଦାତା ସମ୍ମିଳନୀ ସଂଯୋଜକ ଜାମୁଲା ସୁରେଶ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସାହି ମଝି ରାସ୍ତାରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ



**ଗଞ୍ଜାମ,୨୬ା୯(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତର ହୁମ୍ମା ବଡ଼ ସାହି ରାସ୍ତା ମଝିରେ ଏକ ବିଦ୍ୟୁତ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଥିପାଇଁ ଉକ୍ତ ସାହିକୁ ଚାରିଚକିଆ ଯାନ ଯିବା ଆସିବାରେ ଅସୁବିଧା ହେଉଛି। ଘରକୁ ସଂଯୋଗ ଥିବା ତାରଗୁଡ଼ିକ ମଧ ଓହଳି ରହିଛି। ଏନେଇ ସାହିବାସିନ୍ଦା ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାହିର ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଉକ୍ତ ଖୁଣ୍ଟର ତଳଭାଗ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଗଞ୍ଜାମ ବିଦ୍ୟୁତ ବିଭାଗ ସେକ୍ସନ ସୁପରଭାଇଜର ସୂର୍ଯ୍ୟ ନାରାୟଣ ବିଷୋୟୀଙ୍କୁ ପଚାରିବାରୁ ଉକ୍ତ ସାହିରେ ବିଦ୍ୟୁତ ଖୁଣ୍ଟଟି ବିପଦ ସଙ୍କୁଳ ଭାବେ ଥିବା ନେଇ ଅଭିଯୋଗ ହୋଇଛି। ଆସନ୍ତା ତିନି ଚାରି ଦିନ ମଧରେ ଉକ୍ତ ଖୁଣ୍ଟକୁ ସ୍ଥାନାନ୍ତର କରାଯିବ।

### ବିଷ ପିଇ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ଆର.ଉଦୟଗିରି,୨୬ା୯(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ଥାନା ଅଞ୍ଚଳରେ ବିଷପିଇ ଜଣେ ନାବାଳିକା ଓ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେମାନେ ପରସ୍ପରକୁ ଭଲ ପାଉଥିବାବେଳେ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ବୁଧବାର ପୂର୍ବାହ୍ନ ୧୦ଟାରେ ଉଭୟେ କୀଟନାଶକ ପିଇ ଦେଇଥିଲେ। ଘରକୁ ଫେରି ବାନ୍ତି କରିବାରୁ ଉଭୟଙ୍କ ପରିବାର ଲୋକେ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ନାବାଳିକାଙ୍କ ମୃତ୍ୟୁ ହୋଇଯାଇଥିଲା। ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପାରଳାଖେମୁଣ୍ଡି ମେଡିକାଲକୁ ପଠାଯାଇଥିଲା। ସେଠାରେ ମଧ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନାବାଳିକାଙ୍କ ବାପା ଆର.ଉଦୟଗିରି ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝିଅର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଛି। ଏନେଇ ଆର.ଉଦୟଗିରି ଥାନାରେ ନଂ.୩/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଏସ୍ଆଇ ଏନ. ମହାପାତ୍ର ତଦନ୍ତ କରୁଛନ୍ତି।

### ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପାଠଚକ୍ର

**ଭଞ୍ଜନଗର,୨୬ା୯(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଏକ ପାଠଚକ୍ର ହୋଇଥିଲା। ଏଥିରେ ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ବଟୁକେଶ୍ୱର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଯସ୍ମିନୀ ବିଶ୍ୱାଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ତାଙ୍କୁ ଅଧାପକ ଅଶୋକ ସ୍ୱାଇଁ ଓ ଦୁର୍ଗାମାଧବ ଦାସ ସହଯୋଗ କରିଥିଲେ। ଛାତ୍ରୀ ସସ୍ମିତା ନାୟକ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାହିତ୍ୟରେ ମାନବବାଦ ଉପରେ ଲିଖିତ ସନ୍ଦର୍ଭଟିକୁ ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ବିକ୍ରମ କୁମାର ପ୍ରଧାନ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ସହ ପ୍ରଶାସନିକ ଅଧିକାରୀ ଡ଼.ରବୀନ୍ଦ୍ର ନାଥ ପାଳ, ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନ ଦାୟିତ୍ୱରେ ଥିବା ପ୍ରାଧାପକ ଡ଼.ବିନୋଦ ଚନ୍ଦ୍ର ଦାସ, ପ୍ରାଧାପକ ଏସ୍.କେ. ମିଶ୍ର, ସ୍ୱାତକୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ରୋଜାଲିନ୍ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଫଳ ଦୋକନରୁ ଚୋରି

**ହିଞ୍ଜିଳିକାଟୁ,୨୬ା୯(ଡ଼ି.ଏନ୍.ଏ):** ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକରେ ମଙ୍ଗଳବାର ରାତିରେ ଏକ ଫଳ ଓ ଜୁସ ଦୋକାନରୁ ଚୋରି ହୋଇଛି। ଲୁଟେରାମାନେ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ନେବା ସହ ଧରାପଡିଯିବା ଭୟରେ ଦୋକାନରେ ଲାଗିଥିବା ସିସିଟିଭିର ହାର୍ଡ଼ଡ଼ିସ୍କକୁ ମଧ ନେଇ ଯାଇଛନ୍ତି। ଦୋକାନ ମାଲିକ ପ୍ରମୋଦ କୁମାର ପାଠୀ ବୁଧବାର ହିଞ୍ଜିଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ସ୍ୱତନ୍ତ୍ର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପ୍ରତିଷ୍ଠା ଯୋଜନା

**ଛତ୍ରପୁର,୨୬ା୯(ଡି.ଏନ.ଏ.)**

**ଗଞ୍ଜାମ ଜିଲା**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ବୁଧବାର ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଗଞ୍ଜାମ ଜିଲାକୁ ଉପଯୁକ୍ତ ସଡକ, ରେଳ ଏବଂ ବନ୍ଦର ଯୋଗାଯୋଗ ଅଛି। ଲୋକମାନଙ୍କର ବ୍ୟବସାୟ କରିବାକୁ ଇଚ୍ଛାଶକ୍ତି ଅଛି। ତେଣୁ ସ୍ୱତନ୍ତ୍ର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହିତ କରାଯିବ ବୋଲି ଜିଲାପାଳ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା କଞ୍ଚାମାଲକୁ ସୁବିନିଯୋଗ କରି କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରିହେବ । ବାଉଁଶ, ବେତ ସାମଗ୍ରୀ ତିଆରିକୁ ପ୍ରୋତ୍ସାହିତ କରାଯିବ। ଏହି ରୋଜଗାର ସୃଜନ କାର୍ଯ୍ୟକ୍ରମ ମୁଖ୍ୟତଃ ଜିଲା ଶିଳ୍ପକେନ୍ଦ୍ର, ରାଜ୍ୟ କତା ଶିଳ୍ପ ବୋର୍ଡ ଓ ଖଦୀ ଗ୍ରାମୋଦ୍ୟୋଗ ବୋର୍ଡ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ବେକାର ଯୁବତୀଯୁବକମାନଙ୍କୁ ସର୍ବାଧିକ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ସାଧାରଣ ବର୍ଗ ପୁରୁଷ ମାନଙ୍କୁ ପ୍ରତି ୨୫ ପ୍ରତିଶତ ରିହାତି ମିଳିବ। ମହିଳା ଏବଂ ଅନୁସୂଚିତ ଜାତି, ଜନଜାତିଙ୍କୁ ୩୫ ପ୍ରତିଶତ ରିହାତି ଦିଆଯିବ । ଠିକ ଦରଖାସ୍ତକୁ ବିଚାରକୁ ନେଇ ବ୍ୟାଙ୍କ ଗୁଡିକ ତୁରନ୍ତ ଋଣ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର କାର୍ଯ୍ୟକୁ ଅନୁଧ୍ୟାନ କରାଯିବ। ଯେଉଁ ନୂତନ ଉଦ୍ୟୋଗୀମାନେ ସଫଳ ହୋଇଛନ୍ତି ସେମାନଙ୍କର ସଫଳତା ଗଣମାଧ୍ୟମରେ ପ୍ରକାଶିତ ହେବ। ବ୍ରହ୍ମପୁର ନିକଟସ୍ଥ ଅଟୋନଗରରେ ଯେଉଁମାନେ ଆବଣ୍ଟିତ ଜାଗା ପାଇଁ ଅର୍ଥ ଜମା କରିନାହାନ୍ତି ସେମାନଙ୍କୁ ନୋଟିସ ହେବ। ନୋଟିସ ପରେ ସେମାନେ ଅର୍ଥ ଜମା ନ କଲେ ତାଙ୍କୁ ଉଚ୍ଛେଦ କରାଯାଇ ଅନ୍ୟ ବ୍ୟକ୍ତିଙ୍କୁ ଆବଣ୍ଟିତ ହେବ। ପ୍ରକାଶ ଯେ, ଅଟୋନଗରରେ ୪୫ଟି ସ୍ଥାନ ଆବଣ୍ଟିତ ହୋଇଥିଲା। ଏଥି ମଧ୍ୟରୁ ୪୦ ଜଣ ଉଡ୍‌କୋ ପାଖରେ ଅର୍ଥ ଜମା କରିଥିବା ବେଳେ ୫ ଜଣ ଅର୍ଥ ଜମା ଦେଇ ନାହାନ୍ତି। ବୈଠକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟ ମାଧବ ପାଣିଗ୍ରାହୀ, ଏଲଡିଏମ୍ ସୁରେନ୍ଦ୍ର କୁମାର ଚୌଧରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୃମି ବଟିକା ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ



ଅସୁସ୍ଥ ଛାତ୍ରୀଛାତ୍ର ।

**କୁକୁଡ଼ାଖଣ୍ଡି,୨୬ା୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ପଞ୍ଚାୟତ ରାଇଝଳ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୬ ସେପ୍ଟେମ୍ବର କୃମି ଦିବସରେ ଅଘଟଣ ଘଟିଛି। କୃମି ବଟିକା ଖାଇ ରାଇଝଳ ଗ୍ରାମ ତଥା ଏହି ବିଦ୍ୟାଳୟର ୭ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଅଷ୍ଟମ ଶ୍ରେଣୀ ଛାତ୍ରୀ କାବେରି ଗୌଡ଼, ସଞ୍ଜୀବନି ନାୟକ, ସପ୍ତମ ଶ୍ରେଣୀ ଛାତ୍ର ଶୁଭମ ଗୌଡ଼, ଷଷ୍ଠ ଶ୍ରେଣୀର ଛାତ୍ରୀ ପୁଜା ନାୟକ, ଛାତ୍ର ଶୁଭମ ଗୌଡ଼, ରାହୁଲ ଗୌଡ଼, ପଞ୍ଚମ ଶ୍ରେଣୀର ଛାତ୍ର ବଦ୍ରି ଗୌଡ଼। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ରାଇଝଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୨ଟାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ କୃମି ବଟିକା ଦିଆଯାଇଥିଲା। ୩.୩୦ମି. ସମୟରେ ଏହି ୭ ଜଣ ବିଦ୍ୟାଳୟ ମଧରେ ଅସୁସ୍ଥ ହୋଇପଡ଼ିଥିଲେ। ଏଥିନେଇ ବ୍ଲକ ଶିକ୍ଷାଧିକାରୀ ଏସ. ଗିରିଧରଙ୍କ ସହ ଯୋଗାଯୋଗ କରିବାରେ କହିଛନ୍ତି ଏହି ୭ ଜଣଙ୍କ ଅସୁସ୍ଥ ଲକ୍ଷଣ ଦେଖାଦେବାରୁ ତୁରନ୍ତ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧାର ଆସିଛି ଓ ଅନ୍ୟ କୌଣସି ବିଦ୍ୟାଳୟରେ ଏଭଳି କିଛି ଅଘଟଣ ଘଟିନି ବୋଲି କହିଛନ୍ତି।

■ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

# କୂଅରୁ ଗାଈ ଉଦ୍ଧାର କଲେ ଦମକଳ ଅଧିକାରୀ

**ଦିଗପହଣ୍ଡି,୨୬ା୯(ଡି.ଏନ.ଏ.)**



ଗାଈକୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ ଅଧିକାରୀ।

ଦିଗପହଣ୍ଡିରୁ ପ୍ରାୟ ୨୫ କି.ମି ଦୂର କୋଲିପେଣ୍ଡ ଗ୍ରାମର ଏମ୍. ଗୋଲକ ନାଇକଙ୍କ କୂଅରେ ପଡ଼ିଥିବା ଗାଈକୁ ବୁଧବାର ମଧାହ୍ନରେ ଉଦ୍ଧାର କରାଯାଇଛି। ବିଭିନ୍ନ ଦାବି ହାସଲ ପାଇଁ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ବେଳେ ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ହୋମଗାର୍ଡଙ୍କ ସହଯୋଗରେ ପ୍ରାୟ ୨୫ ଫୁଟ କୂଅ ମଧରୁ ଗାଈକୁ ଉଦ୍ଧାର କରିଥିଲେ। ଅଣ ତାଲିମପ୍ରାପ୍ତ ହୋମଗାର୍ଡମାନେ କୂଅ ଭିତରେ ପଶିବାକୁ ସାହସ ଜୁଟାଇ ପାରିନଥିଲେ। ଫଳରେ ନିଜେ ଅଗ୍ନିଶମ ଅଧିକାରୀ କୂଅ ଭିତରକୁ ଯାଇ ଗାଈଟିକୁ ଉଦ୍ଧାର କରିଥିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଦମକଳ କେନ୍ଦ୍ର ପରିଚାଳନାଠାରୁ ଆରମ୍ଭ କରି ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯିବା କାର୍ଯ୍ୟ ନିମନ୍ତେ ଆବଶ୍ୟକ କର୍ମଚାରୀ ନଥିବାରୁ ଅବସ୍ଥା ଅସମ୍ଭାଳ ହୋଇପଡ଼ିଛି। ଦିଗପହଣ୍ଡି ଓ ସାନଖେମୁଣ୍ଡି ଦମକଳ କେନ୍ଦ୍ରର ସମୁଦାୟ ୨୬ ଜଣ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବା ଜଣାପଡ଼ିଛି।

ଆଇଆର୍‌ଇ କାର୍ଯ୍ୟ ବନ୍ଦ ପ୍ରସଙ୍ଗ

# କୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ

**ଛତ୍ରପୁର,୨୬ା୯(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇଆରଇ) ପ୍ଲାଣ୍ଟର କାର୍ଯ୍ୟ ବନ୍ଦ କରି ସ୍ଥାନୀୟ ଲୋକଙ୍କ ଧାରଣା ବୁଧବାର ଜାରି ରହିଛି । ଅନ୍ୟପକ୍ଷରେ କ୍ଷତିପୂରଣ ଜମା କିମ୍ବା ବଣ୍ଟନ ହୋଇଛି ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ଆଇଆରଇ କର୍ତ୍ତୃପକ୍ଷଙ୍କୁ ବୁଧବାର ଛତ୍ରପୁର ସିନିୟର ଡିଭିଜନ୍ ସିଭିଲ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୪ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ନୋଟିସ ପାଇଥିବା ୧୨ ଜଣ ଓକିଲଙ୍କ ଜରିଆରେ ମଙ୍ଗଳବାର ଆଇଆରଇର ପିଟିଶନକୁ ଆଧାର କରି କୋର୍ଟରେ ନିଜର ପକ୍ଷ ରଖିଥିଲେ। ଡ୍ରେଜିଂ ହେଉଥିବା ଜମିର ପ୍ଲଟ୍ ଏବଂ ଅନ୍ୟାନ୍ୟ ତଥ୍ୟ ଦାଖଲ ଆଇଆରଇ କରୁ ବୋଲି ନୋଟିସଧାରୀଙ୍କ ପକ୍ଷରୁ କୋର୍ଟରେ ପଟିଶନ ଦାଖଲ କରାଯାଇଛି। ଏମାନଙ୍କ ପକ୍ଷରୁ ଓକିଲ ରମେଶ ଚନ୍ଦ୍ର ଚୌଧୁରୀ ଓ ଓକିଲ ପଦ୍ମ ଚରଣ ସାହୁ ମାମଲା ପରିଚାଳନା କରୁଛନ୍ତି। ଅପରପକ୍ଷରେ କୋର୍ଟ ପକ୍ଷରୁ ଉକ୍ତ ୧୨ ଜଣଙ୍କୁ ଧାରଣା ସ୍ଥଳକୁ ଯିବା ଉପରେ କଟକଣା ରହିଛି । ଆଇଆରଇ ପ୍ରକଳ୍ପ ପାଇଁ ଡ୍ରେଜିଂ କାମ ବନ୍ଦ କରି ଏହି ଧାରଣା ଚାଲିଛି। ପୂର୍ବ ବୈଠକ ମୁତାବକ ଲୋକଙ୍କୁ କ୍ଷତିପୂରଣ ଓ ପ୍ୟାକେଜ୍ ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏହି କାମ ଆରମ୍ଭ କରା ନ ଯାଉ ଦାବି ନେଇ ଧାରଣା ଚାଲିଛି । ଅପରପକ୍ଷରେ ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ବିଜୟ ଦାଶଙ୍କ ଅଧକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇଆରଇ କର୍ତ୍ତୃପକ୍ଷ, ଧାରଣାରତଙ୍କ ପ୍ରତିନିଧି, ପୋଲିସ ପ୍ରଶାସନର ଅଧିକାରୀ ଯୋଗ ଦେଇଥିଲେ ।

■ ଟାଟା ପୁନର୍ବସତି କଲୋନୀ ବୈଠକ

# ପରିଦର୍ଶନ କରି ସମସ୍ୟା ସମାଧାନ ନିର୍ଦ୍ଦେଶ

**ଛତ୍ରପୁର,୨୬ା୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ପଞ୍ଚାୟତଠାରେ ନିର୍ମିତ ଟାଟା ପୁନର୍ବସତି କଲୋନୀକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପରିଦର୍ଶନ କରି ଆନୁସଙ୍ଗିକ କାର୍ଯ୍ୟକ୍ରମ ହାତକୁ ନେବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କୀୟ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷାବିଭାଗ, ପୂର୍ତ୍ତ ବିଭାଗ, ଜିଲା ପଞ୍ଚାୟତ ଅଧିକାରୀ ଓ ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ଏହାକୁ ଶୀଘ୍ର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୬ ମସିହାରେ ଲୁହାଝର ପଞ୍ଚାୟତର ବାଦପୁର, ପାତ୍ରପୁର ଓ ସିନ୍ଧିଗାଁ ଆଦି ଗ୍ରାମରେ ୩୩୪ ଏକର ପରିମିତ ଜାଗାରେ ଟାଟା ପୁର୍ନବସତି କଲୋନୀ ନିର୍ମାଣ କରାଯାଇ ୫୮୩ ପରିବାରକୁ ଥଇଥାନ କରାଯାଇଥିଲା। କଲୋନୀ ବାସିନ୍ଦାଙ୍କ ପାଇଁ ଟାଟା ତରଫରୁ ରାସ୍ତା , ପାନୀୟ ଜଳ ବ୍ୟବସ୍ଥା ,ଡାକ୍ତରଖାନା, ସ୍କୁଲ, ବିଦ୍ୟୁତ ସେବା ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣଙ୍କୁ ମୌଳିକ ସରକାରୀ ସୁବିଧା ପ୍ରଦାନ ପାଇଁ ଏହି ସବୁ ପ୍ରକଳ୍ପ ସରକାରଙ୍କୁ ଅବଗତ କରାଯିବ । ସବୁ ପ୍ରକଳ୍ପ ଗୁଡିକର ବିସ୍ତୃତ ଚିଠା ପ୍ରସ୍ତୁତ କରି ଟାଟା ଜିଲା ପ୍ରଶାସନକୁ ହସ୍ତାନ୍ତର କରିବ। ରଙ୍ଗେଇଲୁଣ୍ଡା ବ୍ଲକ ଉନ୍ନୟନ ଅଧିକରୀ ଏସବୁ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବେ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଏହାକୁ ତଦାରଖ କରିବେ। ଏ ସମସ୍ତ ବିଷୟକୁ ତର୍ଜମା କରି ଯେଉଁଠାରେ ମରାମତି ଆବଶ୍ୟକ ହେଉଥିବ ସେଥିପାଇଁ ଟାଟା କମ୍ପାନୀକୁ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି । କଲୋନୀରେ ଥିବା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରି ଅନ୍ୟାନ୍ୟ ଜୀବିକା ନିର୍ବାହ ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ ହେବ । ବିସ୍ତୃତ ଚିଠା ମିଳିଲେ ପ୍ରଶାସନ ଏ ବାବଦରେ ଅଗ୍ରସର ହେବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଜୟ କୁମାର ଦାଶ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଜିଲା ଶିକ୍ଷାଧିକାରୀ ଡ.ସନାତନ ପଣ୍ଡା, ଭୂଅର୍ଜନଅଧିକାରୀ ଅଶୋକ କୁମାର ଦାଶ, ଗୋପାଳପୁର ଟାଟା ପ୍ରକଳ୍ପ ମୁଖ୍ୟ ସୁଶାନ୍ତ କୁମାର ମିଶ୍ର, ଥଇଥାନ ଓ ପୁର୍ନବସତି ମୁଖ୍ୟ ରାଜେନ୍ଦ୍ର କୁମାର ସିଂ, ଗୋପାଳପୁର ପ୍ରକଳ୍ପର ବରିଷ୍ଠ ପରିଚାଳକ ଶିବ କୁମାର ସାହୁ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ମନ୍ଦିର ହୁଣ୍ଡି ଚୋରି

**ହିଞ୍ଜିଳିକାଟୁ,୨୬ା୯(ଡ଼ି.ଏନ୍.ଏ.)**



ମନ୍ଦିର ଲୁହା ରେଲିଂ ଭାଙ୍ଗି ଚୋରି।

ହିଞ୍ଜିଳିକାଟୁ ଲକ୍ଷ୍ମୀ ବଜାର ଚନ୍ଦ୍ରକନ୍ତେଶ୍ୱର ମନ୍ଦିରରୁ ବୁଧବାର ମଧହ୍ନରେ ହୁଣ୍ଡି ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ବେଢ଼ାରେ ହନୁମାନ ମନ୍ଦିର ଭିତରୁ ଦାନହୁଣ୍ଡିକୁ ତାଡି ନେଇଛନ୍ତି। ପ୍ରକାଶ ଯେ, ମଧାହ୍ନରେ ମନ୍ଦିର ପୂଜକ ଦେବ ନୀତି ସାରି ମନ୍ଦିରକୁ ବନ୍ଦ କରିବା ସହ ବେଢ଼ାରେ ତାଲା ପକାଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ତାଲା ଖୋଲିବା ବେଳେ ମୁଖ୍ୟ ମନ୍ଦିର ଚନ୍ଦ୍ରକନ୍ତେଶ୍ୱରଙ୍କ ମଣ୍ଡପର ଲୁହା ରେଲିଂକୁ ଭାଙ୍ଗି କେହି ଦୁର୍ବୃତ୍ତ ହୁଣ୍ଡି ତାଡ଼ି ନେଇଥିବା ପୂଜକ ଦେଖିଥିଲେ। ମନ୍ଦିରର ଏକ କୋଠରୀରେ ଥିବା ମନ୍ଦିର ମାଳିଙ୍କ ଟଙ୍କା ବାକ୍ସକୁ ମଧ ଦୁର୍ବୃତ୍ତମାନେ ନେଇ ଯାଇଥିଲେ। ମନ୍ଦିର ପାଖରେ ଥିବା ବେବର୍ତ୍ତା ବନ୍ଧ ହୁଡ଼ାରେ ଦାନହୁଣ୍ଡି ଓ ମାଳିଙ୍କ ବାକ୍ସକୁ ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ନେଇଯାଇଥିଲେ। ୧୦ଦିନ ତଳେ ଉକ୍ତ ମନ୍ଦିରର ସଂକୀର୍ତ୍ତନ ଦଳଙ୍କ ପ୍ରାୟ ୨୦ହଳ ପିତ୍ତଳ ଗିନି ଚୋରି ହୋଇଥିବା ମନ୍ଦିର କମିଟି ସଦସ୍ୟ କହିଛନ୍ତି। ଏନେଇ ମନ୍ଦିର କମିଟି ପକ୍ଷରୁ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ହିଞ୍ଜିଳି ପୋଲିସ ପହଞ୍ଚି ଭଙ୍ଗାଯାଇଥିବା ଖାଲି ଦାନହୁଣ୍ଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ଘଟଣା

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ

**ଖଲ୍ଲିକୋଟ,୨୬ା୯(ଡି.ଏନ୍.ଏ.)**

ନିର୍ମଳଝରର ନିକଟସ୍ଥ ଏକ ପାନ୍ଥ ନିବାସରେ ମଙ୍ଗଳବାର ଭାଜପାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ମୀଙ୍କ ଉପରେ ରାଜନୈତିକ ଆକ୍ରୋଶ ରଖି ଆକ୍ରମର ହେଉଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଭାଜପା ନେତା ଅଭିଯୋଗ କରିଥିଲେ। ଆସିକା ସଂସଦୀୟ କ୍ଷେତ୍ରର ବରିଷ୍ଠ ଭାଜପା ନେତା ମହେଶ୍ୱର ମହାନ୍ତି, ଘୁମୁସର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅହଲ୍ୟା ଜେନା, ଓଡିଶା ସୋସିଆଲ ମିଡିଆ ପ୍ରଭାରୀ ପ୍ରଦୀପ କୁମାର ସାହୁ, ଅନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗତ ସେପ୍ଟେମ୍ବର ୧୬ରେ ତେନ୍ତୁଳିଆପଲ୍ଲୀର ଟୁକୁନା ସ୍ୱାଇଁ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ହୋଇଥିଲା, ମାତ୍ର ଏଯାଏ ଏହି ଘଟଣାରେ ପୋଲିସ କୌଣସି ପଦକ୍ଷେପ ନେଉନାହିଁ। ସେହିପରି ପଞ୍ଚାୟତ ନିର୍ବାଚନ ସମୟରେ ତେନ୍ତୁଳିଆପଲ୍ଲୀର ଭାଜପା ସମର୍ଥକଙ୍କୁ ମଧ ଆକ୍ରମଣ ହୋଇଥିଲା ମାତ୍ର ଥାନାରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତୁରନ୍ତ ଏମାନଙ୍କୁ ନ୍ୟାୟ ପ୍ରଦାନ ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଉପସ୍ଥିତ ନେତା। ଏନେଇ ଖଲ୍ଲିକୋଟ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କୁହନ୍ତି, ଟୁକୁନାଙ୍କୁ ଆକ୍ରମଣ ପରିବାର ମଧରେ ଗଣ୍ଡଗୋଳ ଯୋଗୁ ହୋଇଛି। ପ୍ରତିପକ୍ଷ କିଶୋର ଓ ଟୁକୁନାଙ୍କ ମଧରେ ଗଣ୍ଡଗୋଳକୁ ନେଇ ପ୍ରଥମେ କିଶୋର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୫୮/୧୮ରେ ଏକ ମାମଲା ରୁଜୁ କରିଥିଲା। ପରେ ଟୁକୁନାଙ୍କ ସ୍ତ୍ରୀଙ୍କ ଏତଲା ଆଧାରରେ ନଂ.୨୫୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି।

# ଶ୍ରେଣୀଗୃହ ଅଭାବ, ଶିକ୍ଷକ ପଦବୀ ଖାଲି

**ଦାରିଙ୍ଗବାଡ଼ି,୨୬ା୯(ଡି.ଏନ.ଏ.)**




ବୁଡାଗୁଡ଼ା ଉଚ୍ଚ ବିଦ୍ୟାଳୟ ।

**ବୁଡାଗୁଡ଼ା ଉଚ୍ଚ ବିଦ୍ୟାଳୟ**

ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ଅଞ୍ଚଳ ବୁଡାଗୁଡ଼ା ସରକାରୀ ଉନ୍ନୀତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା ଥିଲେ ମଧ ତା'ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ୧୯୯୩ ରେ ଏହା ସ୍ଥାପିତ ହୋଇଥିଲା। ବୁଡାଗୁଡ଼ା ପଞ୍ଚାୟତବାସୀଙ୍କ ସମେତ ଗୁମିକିଆ, ତିଲୋରୀ, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡ଼ା ବ୍ଲକ ଗୁଡୁଙ୍ଗିଆ ପଞ୍ଚାୟତ ଛାତ୍ରୀଛାତ୍ରମାନେ ମଧ ଉନ୍ନତ ଶିକ୍ଷା ପାଇଁ ବୁଡାଗୁଡ଼ା ଉଚ୍ଚ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ ଲ୍ୟାବ୍ ଗୃହ କରାଯିବା ସହ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ୧୧ କମ୍ପ୍ୟୁଟର ରଖାଯାଇଛି । କିନ୍ତୁ ଲୋ'ଭୋଲଟେଜ ସମସ୍ୟା ଯୋଗୁ ଏହି ଶିକ୍ଷାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହେଉଛନ୍ତି । ସେହିପରି ବିଦ୍ୟାଳୟଟି ଜଙ୍ଗଲ ଏବଂ ପାହାଡ଼କୁ ଲାଗି ରହିଛି। ପାଚେରି ନ ଥିବାରୁ ବୁଲା ଗୋରୁଙ୍କ ଉପଦ୍ରବ ବୃଦ୍ଧି ପାଇବା ସହ ନିକଟରେ ଜଙ୍ଗଲ ରହିଥିବାରୁ ମୁକୁଳା ଯୋଗୁ ବିଷାକ୍ତ ସାପ ବିଦ୍ୟାଳୟକୁ ଆସୁଥିବା ନଜିର ରହିଛି। ଶ୍ରେଣୀ ଗୃହ ଅଭାବ ଏବଂ ଯେଉଁସବୁ ଗୃହ ରହିଛି ସେସବୁ ବର୍ଷା ହେଲେ ପାଣି ଗଳି ପାଠପଢ଼ା ବ୍ୟାହତ ହେଉଥିବା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ସାହୁ କହିଛନ୍ତି । ଏଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ସହକାରୀ ଶିକ୍ଷକ ଏହି ଦାୟିତ୍ୱ ତୁଲାଉଛନ୍ତି । ଦୁଇବର୍ଷ ହେଲା ଏହି ପଦବୀ ଖାଲି ପଡ଼ିଥିବାରୁ ସମସ୍ୟା ହେଉଛି । ସଂସ୍କୃତ ଶିକ୍ଷକ ନ ଥିବାରୁ ପିଲା ପଢିବାରେ ଅସୁବିଧା ହେଉଛି । ସେହିପରି ପିଇବା ପାଣି ସମେତ ଶ୍ରେଣୀଗୃହ, ଖେଳ ପଡ଼ିଆ, ପାଚେରି, ବିଦ୍ୟୁତ ସମସ୍ୟା ଦୂର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଶ୍ରେଣୀଗୃହଗୁଡ଼ିକୁ ବାରମ୍ବାର ମରାମତି କରାଯାଉଥିଲେ ସୁଦ୍ଧା ନିମ୍ନମାନର କାର୍ଯ୍ୟ ଯୋଗୁ ପୂର୍ବରୁ ବର୍ଷା ହେଲେ ଯେତିକି ପାଣି ଗଳୁଥିଲା ମରାମତି ପରେ ମଧ ଗଳୁଛି । ଏଠାରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୨୫୭ ଛାତ୍ରୀଛାତ୍ର ରହିଛନ୍ତି। ସ୍କୁଲ ସମସ୍ୟା ନେଇ କନ୍ଧମାଳ ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନଙ୍କ ସହ ଯୋଗାଯୋଗ କରାଯିବାରୁ ସଂସ୍କୃତ ଶିକ୍ଷକ ବୁଡାଗୁଡ଼ାରେ ଥିଲେ ତେବେ ତାଙ୍କର ଏକ ମାମଲା କୋର୍ଟରେ ରହିଥିବା ବେଳେ ସେ ସେଥିରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ତାଙ୍କୁ ବହିଷ୍କାର କରାଯାଇଛି । ଡିସେମ୍ବର ସୁଦ୍ଧା ସରକାର ଖାଲିଥିବା ପଦବୀ ପୂରଣ କରିବା ସମ୍ଭାବନା ରହିଛି । ସେହିପରି କମ୍ପ୍ୟୁଟର ଲ୍ୟାବ୍ ପାଇଁ ସରକାର ଭେଣ୍ଡର ଦେଇଛନ୍ତି, ତାହା ତାଙ୍କ ବିଭାଗ ଦ୍ୱାରା ପରିଚାଳିତ ନୁହଁ, ଯଦି ଲୋ'ଭୋଲ୍‌ଟେଜ ସମସ୍ୟା ହେଉଛି ତେବେ ଜେନେରେଟର ରହିଛି, ତାକୁ ବ୍ୟବହାର କରିବେ ଏଥି ପାଇଁ ଭେଣ୍ଡର ପାଇଥିବା କମ୍ପାନୀ ସମସ୍ତ ଖର୍ଚ୍ଚ ବହନ କରୁଥିବା ସେ କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୨୭/୨୦୧୮ Berhampur, Thursday, September, 27/ 2018

## ସଂକ୍ଷେପରେ

### ପୂର୍ବତନ ସେନା କର୍ମଚାରୀଙ୍କ ମୃତ୍ୟୁ
## ହତ୍ୟା ଅଭିଯୋଗ ଆଣିଲେ ପୁଅ

ଆସିକା,୨୬ା୯(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଗାଙ୍ଗପୁର ଗ୍ରାମର ଜଣେ ପୂର୍ବତନ ସେନା କର୍ମଚାରୀ ଚିନ୍ତାମଣି ବିଷୋୟୀ(୭୪)ଙ୍କର ବୁଧବାର ପୂର୍ବାହ୍ନରେ ଆକସ୍ମିକ ମୃତ୍ୟୁ ଘଟିଥିଲା। ଚିନ୍ତାମଣି ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ରକ୍ତବାନ୍ତି କରିଥିଲେ। ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଆସିକା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଇଛି। ଅପରପକ୍ଷେ ତାଙ୍କ ପୁଅ ଶ୍ରୀନିବାସ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଗତ ସୋମବାର ଗାଙ୍ଗପୁର ଗ୍ରାମରେ ଗଣେଶ ମେଢ ବିସର୍ଜନ ବେଳେ ୨ ଗୋଷ୍ଠୀ ମଧରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଚିନ୍ତାମଣିଙ୍କୁ ଆଘାତ ଲାଗିଥିଲା। ସେ ଗୁରୁତର ଅସୁସ୍ଥ ହୋଇଥିବା ଓ ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଚିନ୍ତାମଣିଙ୍କ ଶରୀରରେ କୌଣସି ସ୍ଥାନରେ ଆଘାତ ଚିହ୍ନ ନ ଥିବା ପୋଲିସ କହିଛି। ଏନେଇ ନଂ.୧୩୭/୧୮ରେ ମାମଲା ରୁଜୁ କାରଯାଇଛି। ଏହି ମାମଲାରେ ପୋଲିସ ଗ୍ରାମର ୪ଜଣଙ୍କୁ ଆଣି ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ମ୍ୟୁଟେଶନ ପାଇଁ ୭ହଜାର ଟଙ୍କା ଲାଞ୍ଚ
# ଭିଜିଲାନ୍ସ ଜାଲରେ ପଡିଲେ ଆର୍‌ଆଇ

ଶେରଗଡ,୨୬ା୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ଧବଳପୁର ରାଜସ୍ୱ ନିରୀକ୍ଷକ ଭଗବାନ ବେହେରା ବୁଧବାର ମ୍ୟୁଟେଶନ ପାଇଁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାବୁଡରେ ପଡିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ପରେ ତହସିଲ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ତାଙ୍କ ବ୍ରହ୍ମପୁର ରାମକୃଷ୍ଣନଗରସ୍ଥିତ ବାସଭବନ ଓ ଆସିକା ନୂଆଗାଁସ୍ଥିତ ପୈତୃକ ବାସଭବନରେ ଚଢାଉ କରିଛନ୍ତି। ପ୍ରକାଶ ଯେ, ତାକରଡା ପଞ୍ଚାୟତ ଚିକିଲି ଗ୍ରାମର ତ୍ରିଲୋଚନ ବେହେରାଙ୍କ ଜମିର ମ୍ୟୁଟେଶନ ପଟ୍ଟା କରିବାକୁ ଧବଳପୁର ରାଜସ୍ୱ ନିରୀକ୍ଷକ ବେହେରାଙ୍କ ପାଖରେ ଆବେଦନ କରିଥିଲେ। ଆବେଦନ କରିବାର ୭ ମାସ ବିତିଥିଲେ ମଧ୍ୟ ପଟ୍ଟା ମିଳି ନ ଥିଲା। ତ୍ରିଲୋଚନଙ୍କୁ ପଟ୍ଟା କରାଇଦେବାକୁ ୭ହଜାର ଟଙ୍କା ଲାଞ୍ଚ ମାଗିଥିଲେ ରାଜସ୍ୱ ନୀରିକ୍ଷିକ ବେହେରା। ଏନେଇ ତ୍ରିଲୋଚନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଅପରାହ୍ନ ପ୍ରାୟ ସାଢେ ୧ଟାରେ ରାଜସ୍ୱ ନିରୀକ୍ଷକ ବେହେରା ତାଙ୍କ ତାକରଡା ସ୍ଥିତ କାର୍ଯ୍ୟାଳୟରେ ତ୍ରିଲୋଚନଙ୍କ ଠାରୁ ୭୦୦୦ ଟଙ୍କା ଲାଞ୍ଚ ନେବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ତହସିଲ କାର୍ଯ୍ୟାଳୟକୁ ନେଇ ଛାନବିନ୍ କରାଯାଇଥିଲା।


ରାଜସ୍ୱ ନିରୀକ୍ଷକଙ୍କୁ ଜେରା କରାଯାଉଛି।

## ଦୁର୍ଘଟଣାଗ୍ରସ୍ତ କାର ଡିକିରୁ ୨୧ କେଜି ଗଞ୍ଜେଇ ଜବତ


ଜବତ କାର ସହ ଗଞ୍ଜେଇ।

ଜି.ଉଦୟଗିରି,୨୬ା୯(ଡି.ଏନ.ଏ.)

ଜି.ଉଦୟଗିରି ପୋଲିସ ବୁଧବାର ଦୁର୍ଘଟଣାଗ୍ରସ୍ତ ଏକ କାର ଡିକିରୁ ୨୧ କିଗ୍ରା ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏନେଇ ନଂ.୮୬/୧୮ରେ ଏକ ମାମଲା ରୁଜୁ କରିବା ସହ କାର (ନଂ.ଓଡି୧୫ଇ-୩୨୩୦)କୁ ଜବତ କରିଛି। ଚାଳକ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ୫ଟାରେ ଭଞ୍ଜନଗର ପଟୁ ଜି.ଉଦୟଗିରି ଅଭିମୁଖେ ଆସୁଥିବା ଏକ ପିକଅପ୍ ଭ୍ୟାନକୁ କଳିଙ୍ଗା ପଟୁ ଭଞ୍ଜନଗର ଅଭିମୁଖେ ଯାଉଥିବା କାର ଧକ୍କା ଦେଇଥିଲା। ପିକଅପ୍ ଭ୍ୟାନ ଡ୍ରାଇଭର ନାରାୟଣ ଆଳତିଆ ଜି.ଉଦୟଗିରି ଥାନାରେ ଦୁର୍ଘଟଣା ସମ୍ପର୍କରେ ଜଣାଇବା ପରେ ଜି.ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ବେଳେ କାରରେ ଦୁଇଜଣ ଥିବାବେଳେ ପୋଲିସ ପହଞ୍ଚିବା ବେଳକୁ କେହି ନ ଥିଲେ। ପୋଲିସ ବିଳମ୍ବିତ ରାତିରେ କାର୍‌କୁ ଜି.ଉଦୟଗିରି ଥାନାକୁ ଆଣିଥିଲା। ବୁଧବାର କାରର ଡିକି ଖୋଲି ୨ଟି ପ୍ୟାକେଟ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଓଜନ ପରେ ଏହା ୨୧ କିଗ୍ରା ୨୦୦ ଗ୍ରାମ ଥିବା ଆଇଆଇସି ବାଳକୃଷ୍ଣ କହଁର ଓ ତଦନ୍ତ ଅଧିକାରୀ ଅଜୟ ବାରିକ ସୂଚନା ଦେଇଛନ୍ତି।

# ସବ୍‌ରେଜିଷ୍ଟ୍ରାର ଅଫିସ ସ୍ଥାନାନ୍ତର ପାଇଁ ଦାବିପତ୍ର

ଗଞ୍ଜାମ,୨୬ା୯(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଅପରାହ୍ନରେ ଗଞ୍ଜାମ ତହସିଲ କାର୍ଯ୍ୟାଳୟକୁ ଆସି କୁମ୍ଭଲ ଖଣି ବିସ୍ଫୋରଣରେ ମୃତକଙ୍କ ପରିବାରକୁ ସହାୟତା ରାଶି ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟରେ ଥିବା ସବ୍‌ରେଜିଷ୍ଟ୍ରାର ଅଫିସ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ତହସିଲ ଅଫିସ ଠାରେ ଥିବା ଉକ୍ତ ଅଫିସ ନିକଟରେ ପାନୀୟ ଜଳ ସୁବିଧା ନଥିବା ସହ ନିଛାଟିଆ ରାସ୍ତା ଯୋଗୁ ସମସ୍ୟା ହେଉଥିବା ଅଞ୍ଚଳବାସୀ ଦର୍ଶାଇଥିଲେ। ଉକ୍ତ ଅଫିସକୁ ଋଷିକୁଲ୍ୟା ବ୍ୟାଙ୍କ ସମ୍ମୁଖ କିମ୍ବା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ନିକଟକୁ ସ୍ଥାନାନ୍ତର କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ସାମାଜିକ କର୍ମୀ ବଟ ରାଉଳ, ଆଇନଜୀବୀ ବିଷ୍ଣୁ ବେହେରା, ଶୁଭ ପଟ୍ଟନାୟକ, ହରି ମାହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ
## ବିଜ୍ଞାପନ

ଏତଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଆବେଦନ କରିଥିବା ବସ୍ ମାଲିକ ତଥା ଆପତ୍ତି ଦାଖଲ କରିଥିବା ପ୍ରତିପକ୍ଷଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୧ ରୁ ୬୦ ଏବଂ ୬୧ ରୁ ୧୨୦ ପର୍ଯ୍ୟନ୍ତ ଶୁଣାଣି ଧାର୍ଯ୍ୟ ତାରିଖ ୨୭.୦୯.୧୮ ଓ ୨୮.୦୯.୦୯.୧୮କୁ ଆଇନଜୀବୀ ଙ୍କ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ସ୍ଥଗିତ ରଖାଗଲା।
ଏହାର ଶୁଣାଣି ନିମନ୍ତେ ପୁନଃ ତାରିଖ ନିର୍ଦ୍ଧାରଣ ପରେ ଦୈନିକ ଖବର କାଗଜ ମାଧ୍ୟମରେ ସୂଚାଇ ଦିଆଯିବ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ